# କାଲୁଙ୍କ ଗୋଛି କାଟିବାକୁ ଷଡ଼ଯନ୍ତ୍ର; ଖୋର୍ଦ୍ଧା ବିଜେପି ଫାଳଫାଳ

**ଭୁବନେଶ୍ୱର, ୨।୪(ସମିସ):** ବିଧାନସଭା ନିର୍ବାଚନ ପାଇଁ ରାଜ୍ୟ ବିଜେପିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଭୁବନେଶ୍ୱର ଲୋକସଭା ଅଧୀନରେ ଥିବା ୭ଟି ବିଧାନସଭାରୁ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀକୁ ଛାଡ଼ି ବାକି ୫ଟି ଆସନର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ତେବେ ଏହି ଦୁଇଟି ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା ନ ହେବା ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ନେତାଙ୍କ ଯାଏଁ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଅପରପକ୍ଷେ ଏହାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା ହେଉଛି। ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଲାଗି ଖୋର୍ଦ୍ଧା ବିଜେପିରେ ଦେଖାଦେଇଥିବା ଦଳୀୟ ଅନ୍ତଃକନ୍ଦଳ ପାଇଁ ଏହି ଦୁଇଟି ଆସନରେ ବିଜେପି ଜଗି ରଖି ପ୍ରାର୍ଥୀ ଘୋଷଣା କରିବାକୁ ଯୋଜନା ଚଳାଇଛି। ସେହିପରି ଆଉ ଏକ ମହଲର କହିବା କଥା, ନିଜ ସ୍ୱାର୍ଥ ହାସଲ ଲାଗି ଅପରାଜିତା ଏହି ଦୁଇଟି ଆସନରେ ପ୍ରାର୍ଥୀ ଚୟନକୁ ଅଟକାଇ ରଖିଛନ୍ତି।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ପୁଣିଥରେ ପ୍ରାର୍ଥୀ ହେବା ପାଇଁ କାଲୁଚରଣ ଖଣ୍ଡାୟତରାୟ ଓ ବିଜେଡିରୁ ବହିଷ୍କୃତ ତଥା ନିକଟରେ ବିଜେପିରେ ଯୋଗଦେଇଥିବା ପ୍ରଶାନ୍ତ ଜଗଦେବ ଗୋଷ୍ଠୀ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ସାଂସଦ ଅପରାଜିତା ଏଠାରୁ ପ୍ରଶାନ୍ତଙ୍କୁ ଛିଡ଼ା କରାଇବା ପାଇଁ ଚାହୁଁଥିବା ବେଳେ କାଲୁଙ୍କ ଗୋଷ୍ଠୀ ଏହାକୁ ଆଦୌ ବରଦାସ୍ତ କରିବା ସ୍ଥିତିରେ ନାହାନ୍ତି। ତେଣୁ ଏହାକୁ ନେଇ ଗତ ଶନିବାର ନିଜର ସମର୍ଥକଙ୍କ ସହ କାଲୁ ଖଣ୍ଡାୟତରାୟ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜୋରଦାର୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିନ୍ତୁ ଚତୁରତାର ସହ ପ୍ରଶାନ୍ତ ଏହାକୁ ପ୍ରଶମିତ କରିବାକୁ ଚେଷ୍ଟା କରିଥିଲେ। ପରେ ଗଣମାଧ୍ୟମ ସାମ୍ନାରେ ପ୍ରଶାନ୍ତ କାଲୁଙ୍କୁ ଆଲିଙ୍ଗନ କରି ତାଙ୍କ ରାଗ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା କେବଳ ଲୋକଦେଖାଣିଆ ଏବଂ ଅପରାଜିତାଙ୍କୁ ହାତ କରି ପ୍ରଶାନ୍ତ ଭିତରେ ଭିତରେ କାଲୁଙ୍କ ଚେର କାଟିବାକୁ ଯୋଜନା ଚଳାଇଛନ୍ତି ବୋଲି କର୍ମୀମହଲରେ ଜୋରଦାର ଚର୍ଚ୍ଚା ଆଲୋଚନା ହେଉଛି। ତେଣୁ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଏପରି ଛକାପଞ୍ଝା ଚାଲିଥିବାରୁ ଖୋର୍ଦ୍ଧା ବିଜେପି ଏବେ ଦୁଇଫାଳ ହୋଇଯାଇଛି। ଅପରପକ୍ଷେ, ସାଧାରଣ ବିଜେପି କର୍ମୀମାନେ କାହା ନେତୃତ୍ୱରେ ନିର୍ବାଚନ ଲଢ଼ିବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ଅପରପକ୍ଷେ, ଅପରାଜିତାଙ୍କ ଏକାନ୍ତ ଘନିଷ୍ଠ କୁହାଯାଉଥିବା ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଏକ ସଭାରେ ଭାଷଣ ଦେବାର ଭିଡିଓ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ଏହି ଭାଷଣକୁ ନେଇ ରଶ୍ମି ଓ ଅପରାଜିତାଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଏପରିକି ଦଳବିରୋଧୀ କାର୍ଯ୍ୟ ପାଇଁ ରଶ୍ମିଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଅପରାଜିତାଙ୍କ ଓଏସ୍‌ଡି ଶଶାଙ୍କ ଶେଖର ସାହୁ ଏକ ହ୍ୱାଟସ୍-ଆପ୍ ଗ୍ରୁପ୍‌ରେ କହିଛନ୍ତି।

ସୂଚନାଯୋଗ୍ୟ, ଗତଥର ଖୋର୍ଦ୍ଧା ଆସନରେ ବିଜେପିରୁ ପ୍ରାର୍ଥୀ ହୋଇଥିବା କାଲୁଚରଣ ଖଣ୍ଡାୟତରାୟ ବିଜେଡିର ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କଠାରୁ ପରାଜିତ ହୋଇଥିଲେ। କାଲୁ ଚଳିତଥର ମଧ୍ୟ ଏହି ଆସନରୁ ଲଢ଼ିବା ପାଇଁ ଆଶା ବାନ୍ଧିଥିଲେ। କିନ୍ତୁ ପ୍ରଶାନ୍ତ ବିଜେପିରେ ସାମିଲ ହେବା ପରେ ତାଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିବା ପାଇଁ ଅପରାଜିତା ଚାହୁଁଥିବା କର୍ମୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗତ ଶୁକ୍ରବାର ରାତିରେ କାଲୁଙ୍କ ସମର୍ଥକମାନେ ମଳିପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକାଠି ହୋଇଥିଲେ। ସେହି ସଭାରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମଧ୍ୟ ଯୋଗ ଦେଇଥିଲେ। ନିଜ ଭାଷଣରେ ସେ କହିଥିଲେ ଯେ ଯଦି ପ୍ରାର୍ଥିତ୍ୱକୁ ନେଇ ପାର୍ଟି କିଛି ଭୁଲ୍ ନିଷ୍ପତ୍ତି ନିଏ, ଆଗାମୀ ଦିନରେ କାଲୁ ଖଣ୍ଡାୟତରାୟ ଓ ରଶ୍ମି ମହାପାତ୍ର ଏହାର ଉପଯୁକ୍ତ ଜବାବ ଦେବେ ବୋଲି କହିଥିଲେ। ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ରଶ୍ମିଙ୍କର ଏଇ କେଇ ପଦ କଥାକୁ ଅପରାଜିତା ବରଦାସ୍ତ କରିବା ସ୍ଥିତିରେ ନାହାନ୍ତି ବୋଲି ଜଣାଯାଇଛି। ଅପରାଜିତାଙ୍କ ଓଏସ୍‌ଡି ଶଶାଙ୍କ ସେହି ଭିଡିଓକୁ ହ୍ୱାଟସାପ ଗ୍ରୁପ୍‌ରେ ସେୟାର କରି ଦଳ ବିରୋଧୀ କାମ ପାଇଁ ଦଳ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଚେତାବନୀ ଦେଇଛନ୍ତି। ଫଳରେ ଏକାନ୍ତ ଘନିଷ୍ଠ ରଶ୍ମି ଓ ଅପରାଜିତାଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଯାଇଛି।

## ବ୍ୟାଙ୍କରେ ଦସ୍ତାବିଜର ଉପଯୁକ୍ତ ସଂରକ୍ଷଣ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**କଟକ, ୨।୪(ସମିସ):** ବ୍ୟାଙ୍କରେ ଋଣ ଗ୍ରହୀତା ପ୍ରଦାନ କରୁଥିବା ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌ଗୁଡ଼ିକର ଉପଯୁକ୍ତ ସଂରକ୍ଷଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ କିଭଳି ଏହି ଦସ୍ତାବିଜ ସଂରକ୍ଷଣ ହୋଇପାରିବ ଓ ସହଜରେ ମିଳିପାରିବ, ସେ ସଂକ୍ରାନ୍ତରେ ଏକ ବିସ୍ତୃତ ସତ୍ୟପାଠ ଦେବାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ଭୁବନେଶ୍ୱରର ସିଜିଏମ(ଚିଫ ଜେନେରାଲ ମ୍ୟାନେଜର)ଙ୍କୁ ହାଇକୋର୍ଟ ଆଜି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାୟୀ ଲୋକ ଅଦାଲତଙ୍କ ଆଦେଶକୁ ଚାଲେଞ୍ଜ କରି ଏସବିଆଇ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୧୫ ସୁଦ୍ଧା ଏହି ସତ୍ୟପାଠ ଦାଖଲ ହେବ।

## ଖୋର୍ଦ୍ଧା ବିଜେଡିରେ ନେତାଙ୍କୁ ନୂତନ ଦାୟିତ୍ୱ

### ବରଗଡ଼ର ତିନି ନେତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

**ଭୁବନେଶ୍ୱର, ୨।୪(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲାର ବିଜେଡି ନେତାମାନଙ୍କୁ ଭିନ୍ନ ଭିନ୍ନ ପଦବୀରେ ନିଯୁକ୍ତି ମିଳିଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଦିଆଯାଇଥିବା ସୂଚନା ଅନୁସାରେ ଚିଲିକାର ଉତ୍ପଳ କୁମାର ପାଇକରାୟ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏଥିସହ ଚିଲିକା ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁରର ଅସିତ କୁମାର ନାଥଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜେଡିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ବାଣପୁର ବ୍ଲକ ଅନ୍ତର୍ଗତ ନାଚୁଣିର ରାକେଶ କୁମାର ସେନଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ପଦବୀ ମିଳିଥିବା ବେଳେ ଆୟତପୁରର ମିକୁନ ସାହୁଙ୍କୁ ଖୋର୍ଦ୍ଧା ଯୁବ ବିଜେଡିର ଉପ-ସଭାପତି ଦାୟିତ୍ୱ ଦିଆଯାଇଛି। ଅପରପକ୍ଷେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ବିଜେପୁର ବ୍ଲକର ଲଳିତା ପାଢ଼ୀ ଏବଂ ଗାଇସିଲଟ ବ୍ଲକର ଦେବେନ୍ଦ୍ର ଯୋଶୀ ତଥା ରବୀନ୍ଦ୍ର ଠାକୁରଙ୍କ ଉପରୁ ଦଳୀୟ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଉଛି ବୋଲି ଦଳୀୟ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।

## ଛାତ୍ରଙ୍କୁ ୫ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପରୀକ୍ଷା ଫଳ ପ୍ରକାଶନ ବିଳମ୍ବ ପାଇଁ ଜଣେ ଛାତ୍ରଙ୍କ ୧୦ବର୍ଷ କ୍ୟାରିଅର ନଷ୍ଟ ହୋଇଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୩ମାସ ମଧ୍ୟରେ ସମ୍ପୃକ୍ତ ଆବେଦନକାରୀ ଛାତ୍ରଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଭୁତି ଭୂଷଣ ବାରିକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷାଫଳ ପ୍ରକାଶନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଉତ୍ତରଦାୟିତ୍ୱ ରହିଛି। ଏଥିରେ ଅବହେଳା ତଥା ତ୍ରୁଟି ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ପ୍ରଭାବିତ କରିବ। ଏହି କ୍ଷତିର ଭରଣା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଘରୋଇ ପ୍ରାର୍ଥୀ ଭାବେ ଯୁକ୍ତ ତିନି ବାଣିଜ୍ୟ ପାଠ୍ୟକ୍ରମ ପାଇଁ ବରଗଡ଼ର ଏକ କଲେଜରେ ଥିବା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଦୁଇ ଦୁଇ ଥର ପରୀକ୍ଷା ଦେଇ ମଧ୍ୟ କେତେକ ପେପରରେ ଅନୁପସ୍ଥିତ ଥିବା ଫଳରେ ଉଲ୍ଲେଖ କରାଯାଇ ତାଙ୍କୁ ଫେଲ କରାଯାଇଥିଲା। ୨୦୦୧ରୁ ୨୦୧୧ ମଧ୍ୟରେ ପ୍ରାୟ ଦଶ ବର୍ଷ ଧରି ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ୨୦୧୨ରେ ସେ ଯୁକ୍ତ ତିନି ବାଣିଜ୍ୟ ପାଠ୍ୟକ୍ରମରେ ପାସ୍ କରିଥିବା ନେଇ ବିଶ୍ୱବିଦ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ପାଇଁ ତାଙ୍କ କ୍ୟାରିଅରର ମୂଲ୍ୟବାନ ସମୟ ଅପଚୟ ହୋଇଥିବାରୁ କ୍ଷତିପୂରଣ ପ୍ରାର୍ଥନା କରି ସେ ୨୦୧୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତନ୍ମୟ ମିଶ୍ର ମାମଲା ପରିଚାଳନା କରୁଥିଲେ।

ଜାଲ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ମାମଲା

## ଆର୍‌ଆଇଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭଦ୍ରକ, ୨।୪ (ସମିସ): ଏକ ଜାଲ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ମାମଲାରେ ଆଜି ଓଡ଼ିଶା କ୍ରାଇମବ୍ରାଞ୍ଚ ଭଦ୍ରକ ସଦର ଆର୍‌ଆଇ ଶରତ ମହାନ୍ତିଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଗତ ୨୦୨୧ ମସିହାରେ ଭଦ୍ରକ ଜିଲ୍ଲା ଧାମନଗର ତହସିଲ ଅଧୀନ ଅସୁରାଳି ଆର୍‌ଆଇ ସର୍କଲର ଜୟରାମ ନାୟକଙ୍କ ପତ୍ନୀ ମନୋରମା ନାୟକଙ୍କ ମୃତ୍ୟୁ ପ୍ରମାଣପତ୍ରକୁ ତତ୍କାଳୀନ ଆର୍‌ଆଇ ଶରତ ମହାନ୍ତି ୬ଜଣ ସ୍ଥାନୀୟ ଅଧିବାସୀଙ୍କ ସାକ୍ଷ୍ୟ ବୟାନ ଆଧାରରେ ପ୍ରଦାନ କରିଥିଲେ। ମନୋରମା ପ୍ରକୃତରେ ଗତ ୨୦୧୬ ମସିହାରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ଜାଲ କରି ୨୦୧୫ ମସିହା କରାଯାଇଥିଲା। କ୍ରାଇମବ୍ରାଞ୍ଚ ଏହି ଅଭିଯୋଗ ପାଇବା ପରେ ଆଜି ଆର୍‌ଆଇ ଶରତଙ୍କୁ ଗିରଫ କରି ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ସମ୍ପୃକ୍ତ ଆର୍‌ଆଇ ଶରତଙ୍କ ସହ ଅନ୍ୟ ୫ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା।

## +୨ ଖାତାଦେଖାରେ ବିଳମ୍ବ

**ଭୁବନେଶ୍ୱର, ୨।୪(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଖାତାଦେଖା ସାମାନ୍ୟ ବିଳମ୍ବିତ ହୋଇଛି। ମଙ୍ଗଳବାର ଶେଷ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଖାତାଦେଖା ଆଉ ଦୁଇଦିନ ଅର୍ଥାତ ଆସନ୍ତା ୪ ତାରିଖରେ ସରିବ। ସେହିପରି ୪ ତାରିଖରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ୬ ତାରିଖରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଖାତାଦେଖା ସମୟରେ ହୋଲି ସମେତ ବହୁ ଛୁଟି ପଡ଼ିଥିବାରୁ ଖାତାଦେଖାରେ ସାମାନ୍ୟ ବିଳମ୍ବ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ କହିଛନ୍ତି। ହେଲେ ନିର୍ଦ୍ଧାରିତ ସମୟରେ ଫଳ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ସମୁଦାୟ ୨୭ଲକ୍ଷ ଖାତା ମୂଲ୍ୟାୟନ କରାଯିବ। ଅନ୍‌ଲାଇନ୍‌ରେ ୯ଲକ୍ଷ ଏବଂ ଅଫ୍‌ଲାଇନରେ ୧୮ଲକ୍ଷ ଖାତା ମୂଲ୍ୟାୟନ ହେବ। ଦୁଇଟି ପର୍ଯ୍ୟାୟରେ ଖାତା ମୂଲ୍ୟାୟନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୪୦% ଖାତା ମୂଲ୍ୟାୟନ ପାଇଁ ଯୋଜନା ରହିଥିଲା। ହେଲେ ଏହି ସମୟରେ ବହୁ ଛୁଟି ପଡ଼ିବାରୁ ଖାତାଦେଖା ସରିପାରି ନାହିଁ। ଏଣୁ ପ୍ରଥମ ପର୍ଯ୍ୟାୟ ଖାତାଦେଖା ଆଉ ଦୁଇଦିନ ଘୁଞ୍ଚାଯାଇଛି।

**୪ ପରିବର୍ତ୍ତେ ୬ରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା**

## ପୁଅ ପାଇଁ ସୁରଙ୍କୁ କାରଣ ଦର୍ଶାଅ ନୋଟିସ୍

**ଭୁବନେଶ୍ୱର, ୨।୪(ସମିସ):** କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ପୁଣିଥରେ କାରଣ ଦର୍ଶାଅ ନୋଟିସ ଜାରି କରିଛି ରାଜ୍ୟ କଂଗ୍ରେସ। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତାହାର ଉତ୍ତର ଦେବାକୁ ନୋଟିସରେ ଦର୍ଶାଯାଇଛି। ସୂଚନାନୁଯାୟୀ, ସୁର ତାଙ୍କ ପୁଅ ତଥା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସପକ୍ଷରେ ଭୋଟ ମାଗିବାରୁ କଂଗ୍ରେସ ପକ୍ଷରୁ ତାଙ୍କୁ ନୋଟିସ କରାଯାଇଥିବା ଜଣାପଡ଼ିଛି। ଏନେଇ ସୁରେଶ ଅସନ୍ତୋଷ ପ୍ରକାଶ କରିବା ସହ ଅନ୍ୟ କୌଣସି ଦଳ ପାଇଁ ପ୍ରଚାର କରି ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ବାପା-ପୁଅର ସମ୍ପର୍କରେ କଂଗ୍ରେସ ବାଧା ସୃଷ୍ଟି କରିପାରିବ ନାହିଁ ବୋଲି ସେ କହିଛନ୍ତି। ସେପଟେ ସୁରଙ୍କ ସପକ୍ଷରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାହାରିଛନ୍ତି। ସୁରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ଉଚିତ ନୁହେଁ। ପିସିସି ସଭାପତି ତୁରନ୍ତ ନୋଟିସ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି। ପିସିସି ସଭାପତି କହିଛନ୍ତି, ମୋର ବିଶ୍ୱାସ ତାରା ଅନ୍ୟ ଦଳରୁ ପ୍ରଚାର କରିବେ ନାହିଁ। ନୋଟିସ ପ୍ରତ୍ୟାହାର ନେଇ ଏଆଇସିସି ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

## ରେଳ ଷ୍ଟେସନ୍‌ରେ ବଦଳିଲା ତ୍ରୁଟିଯୁକ୍ତ ନାମ ଫଳକ

**ଭୁବନେଶ୍ୱର, ୨।୪(ସମିସ):** ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶାବାସୀଙ୍କ ଦାବିକୁ ସମ୍ମାନ ଜଣାଇ ଉପଯୁକ୍ତ ପଦକ୍ଷେପ ନେଇଛି ରେଳବାଇ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ତଥା ଝାଡ଼ଖଣ୍ଡ ସୀମାରେ ଥିବା ରେଳ ଷ୍ଟେସନ୍‌ଗୁଡ଼ିକରେ ଲାଗିଥିବା ଫଳକରେ ଓଡ଼ିଆ ଭାଷାରେ ତ୍ରୁଟିଶୂନ୍ୟ ନାମ ଲେଖାଯାଇଛି। ଏହି ଅଞ୍ଚଳରେ ଥିବା ଘାଟଶିଳା, ଗାଲୁଡ଼ି ଏବଂ ଚାକୁଳିଆ ଷ୍ଟେସନ୍‌ରେ ତ୍ରୁଟିଶୂନ୍ୟ ଓଡ଼ିଆରେ ନାମ ଫଳକ ଲେଖାଯାଇଛି। କିଛି ମାସ ପୂର୍ବେ ଜନସାଧାରଣଙ୍କ ଅନୁରୋଧ ରକ୍ଷା କରି ବାଲେଶ୍ୱର ରେଳ ଷ୍ଟେସନ୍‌ରେ ତ୍ରୁଟିଯୁକ୍ତ ନାମ ପରିବର୍ତ୍ତନ କରାଯାଇଥିଲା।

## କଂଗ୍ରେସ ଭବନରେ ସୁଦର୍ଶନ ସମର୍ଥକଙ୍କ ହୋହାଲ୍ଲା

**ଭୁବନେଶ୍ୱର, ୨।୪(ସମିସ):** କଂଗ୍ରେସ ଭବନରେ ଟିକେଟ୍ ପାଇଁ ଧାରଣାରେ ବେଇଛନ୍ତି କଂଗ୍ରେସ କର୍ମୀ। ଜଳେଶ୍ୱର ବିଧାନସଭା ଆସନ ପାଇଁ ଟିକେଟ ଆଶାୟୀ ଥିବା ସୁଦର୍ଶନ ଦାସଙ୍କ ଶହ ଶହ ସମର୍ଥକ ଆସି କଂଗ୍ରେସ ଭବନରେ ଧାରଣା ଦେବା ସହ ଟିକଟ ମାଗିଛନ୍ତି। ଯଦିଓ ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର ଆସନ ପାଇଁ ଟିକଟ ଘୋଷଣା ହୋଇନାହିଁ, ମାତ୍ର ସୁଦର୍ଶନ ଦାସଙ୍କ ଟିକେଟ୍ କଟିଯାଉଥିବା ଆଶଙ୍କା କରି ତାଙ୍କର ସମର୍ଥକ ଏଠାରେ ପ୍ରତିବାଦ କରିଛନ୍ତି। କଂଗ୍ରେସ ଭବନରେ ଏପରି ହୋହାଲ୍ଲା ହେବା ପରେ ପିସିସି ସଭାପତି ଆସି ଧାରଣା ଦେଉଥିବା କର୍ମୀଙ୍କୁ ବୁଝାସୁଝା କରିଥିଲେ।

ସୂଚନା ଥାଉ କି ଜଳେଶ୍ୱର ବିଧାନସଭା ଆସନରୁ ଦେବୀପ୍ରସନ୍ନ ଚଣ୍ଡ ୨୦୦୯ରୁ କଂଗ୍ରେସ ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ସେହିପରି ୨୦୧୪ ରେ ମଧ୍ୟ ସେ କଂଗ୍ରେସରୁ ଲଢ଼ି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମାତ୍ର ଏହାପରେ ସେ କଂଗ୍ରେସ ହାତ ଛାଡ଼ି ଦେବା ହେତୁ ୨୦୧୯ରେ ଏଠାରୁ ସୁଦର୍ଶନ ଦାସ ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନରେ ସେ ପରାସ୍ତ ହେବା ସହ ପୁଣି ଥରେ ଦେବୀପ୍ରସନ୍ନ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରି ସାରିଛନ୍ତି। ଏଥର ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ କରିବା ନେଇ ସମ୍ଭାବନା ଥିବାରୁ ସୁଦର୍ଶନଙ୍କ ସମର୍ଥକ ଏହାକୁ ବିରୋଧ କରିଛନ୍ତି।

**ନିର୍ବାଚନ ପାଇଁ ଅବକାରୀ ବିଭାଗର ସୀମାନ୍ତ ଅଞ୍ଚଳରେ ଚଢ଼ଉ**

## ପଶ୍ଚିମବଙ୍ଗ, ଛତିଶଗଡ଼ ସହ ଅନ୍ତଃରାଜ୍ୟ ସୀମା ସହଯୋଗ ବୈଠକ

**ଭୁବନେଶ୍ୱର, ୨।୪ (ସମିସ):** ନିର୍ବାଚନକୁ ଆଖି ଆଗରେ ରଖି ଅବକାରୀ ବିଭାଗର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଚୋରା ମଦ କାରବାରକୁ ରୋକିବାକୁ ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ଅନ୍ତଃରାଜ୍ୟ ସୀମା ସହଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଲୋକସଭା ଓ ବିଧାନସଭାର ସାଧାରଣ ନିର୍ବାଚନ ଦୃଷ୍ଟିରେ ରଖି ସୀମାନ୍ତ ଅଞ୍ଚଳରେ ମିଳିତ ଚଢ଼ଉ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବେଆଇନ ଚାଲାଣର ମାର୍ଗ ଚିହ୍ନଟ, ଗୁଇନ୍ଦା ଆଦାନପ୍ରଦାନ, ସୀମାନ୍ତ ଜିଲ୍ଲାର ଅବକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଏବଂ ଅନ୍ତଃରାଜ୍ୟ ସୀମାର ଉଭୟ ପାର୍ଶ୍ୱରେ ଥିବା ଚେକ୍ ପୋଷ୍ଟଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପଡ଼ୋଶୀ ରାଜ୍ୟର ଅଧିକାରୀଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ତିଆରି କରି ଅପରାଧୀମାନଙ୍କୁ ଧରିବା ପାଇଁ ଗୁଇନ୍ଦା ସୂଚନା ପ୍ରଦାନ କରିବା, ଯାନବାହାନ ଯାଞ୍ଚ ଏବଂ ସୀମାନ୍ତ ଅଞ୍ଚଳରେ ମିଳିତ ଚଢ଼ଉ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ପଶ୍ଚିମବଙ୍ଗର ଅବକାରୀ କମିସନର୍ କୌଶିକ ଭଟ୍ଟାଚାର୍ଯ୍ୟ, ଛତଶିଗଡ଼ର ଅବକାରୀ ସଚିବ ତଥା କମିଶନର ଆର ସଙ୍ଗୀତା ଯୋଗ ଦେଇଥିଲେ। ପଶ୍ଚିମବଙ୍ଗର ସ୍ୱତନ୍ତ୍ର ଅବକାରୀ କମିସନର, ଯୁଗ୍ମ କମିସନର, ଏନେଫୋର୍ସମେଣ୍ଟ, ସମ୍ବଲପୁର ଓ ବ୍ରହ୍ମପୁର ଉପଅବକାରୀ କମିସନର, ବସ୍ତର ଓ ମହାସମୁଦର ଉପଅବକାରୀ କମିଶନର ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଲୋଚନାରେ ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନାଗିରିର ଅବକାରୀ ଅଧୀକ୍ଷକଙ୍କ ସମେତ ଛତିଶଗଡ଼ ଓ ପଶ୍ଚିମବଙ୍ଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

୩୧ ବର୍ଷର ପୁରୁଣା ମାମଲାରେ ପୂର୍ଣ୍ଣଚ୍ଛେଦ

## ଦୋଷୀର ଦଣ୍ଡ ହ୍ରାସ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨।୪ (ସମିସ):** ଦୀର୍ଘ ୩୫ ବର୍ଷ ତଳର ଏକ ଡକାୟତି ଘଟଣାରେ ୩୧ ବର୍ଷ ପୂର୍ବରୁ ନିମ୍ନ ଅଦାଲତରେ ଦୋଷୀସାବ୍ୟସ୍ତ ହୋଇଥିବା ଆବେଦନକାରୀଙ୍କୁ ମିଳିଥିବା ଦଣ୍ଡ ହ୍ରାସ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଟିକିନା ଓରଫ ଟଙ୍କଧର ସାହୁଙ୍କ ଆବେଦନର ଶୁଣାଣି କରି ଏହି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏହି ରାୟ ପ୍ରଦାନ କରି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ଆବେଦନକାରୀ ଜେଲରେ କଟାଇ ସାରିଥିବା ଅବଧିକୁ ଦଣ୍ଡାଦେଶ ସମୟ ଭାବେ ବିବେଚନା କରାଯିବ ବୋଲି ଅଦାଲତ କହିଛନ୍ତି। ଅନ୍ୟପଟରେ ୧୯୮୮ର ଏକ ଡକାୟତି ଓ ବୋମାମାଡ଼ ଘଟଣାରେ ଢେଙ୍କାନାଳ-ଅନୁଗୁଳ ଜିଲ୍ଲା ଓ ଦୌରା ଜଜ୍ ୧୯୯୩, ଅଗଷ୍ଟ ୧୮ରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। କିନ୍ତୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ନିର୍ଦ୍ଦେଶରେ ପରିବର୍ତ୍ତନ କରି ଏହାକୁ ହ୍ରାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୭ବର୍ଷରୁ ଅଧିକ ସମୟ ଜେଲ ଦଣ୍ଡ ଭୋଗ କରିବା ଓ ଏ ସମ୍ପର୍କିତ ଅପିଲ ୩୧ ବର୍ଷ ଧରି ବିଚାରାଧୀନ ଥିବା ସମୟରେ ସେ ଜାମିନରେ ବାହାରେ ରହିବା ପ୍ରସଙ୍ଗକୁ ବିଚାରକୁ ନେଇ ହାଇକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି।

## ଦୁର୍ଦ୍ଦାନ୍ତ କଏଦୀଙ୍କୁ ସାବାଡ଼୍ କରିବେ ୨୪୫ ନୂଆ ୱାର୍ଡର୍

ଭୁବନେଶ୍ୱର, ୨।୪(ସମିସ): ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଜେଲରୁ କଏଦୀ ଫେରାର ହେବ, ଜେଲରୁ ମୋବାଇଲ୍ ମିଳିବା ଏବଂ ଗ୍ୟାଙ୍ଗ୍‌ୱାର ହେବା ଘଟଣା ପଦାକୁ ଆସିଛି। ଏହି ଘଟଣା ପରେ ଜେଲ୍ ଡିଜି ଏ.ଏମ୍ ପ୍ରସାଦ। ତେଣୁ ଏହାକୁ ରୋକିବା ପାଇଁ ଜେଲ୍ ଡିଜି ସମସ୍ତ ଜେଲ୍ ପାଇଁ ନୂଆ ଗାଇଡ୍ ଲାଇନ୍ ଜାରି କରିବା ସହ ୨୪୫ ଜଣ ନୂତନ ୱାର୍ଡରଙ୍କୁ ଆଜି ନିଯୁକ୍ତି ଦେଇଛନ୍ତି। ସେମାନଙ୍କୁ ଟ୍ରେନିଂ ଦିଆଯିବା ପରେ ବୁଧବାରଠାରୁ ପୋଷ୍ଟିଂ ହୋଇଥିବା ସ୍ଥାନରେ ଯୋଗ ଦେବେ। ଜାମୁଝରୀରେ ଥିବା ମହାତ୍ମାଗାନ୍ଧୀ ଟ୍ରେନିଂ ସେଣ୍ଟରେ ଅନୁଷ୍ଠିତ ହୋଇଥିବା ଦୀକ୍ଷାନ୍ତ ପରେଡ୍‌ରେ ଜେଲ୍ ଡିଜି ସେମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଜେଲ୍ ଭିତରେ ସ୍ୱଚ୍ଛତା ରଖିବା ସହ ଦୁର୍ଦ୍ଦାନ୍ତ ଅପରାଧୀ, ଗ୍ୟାଙ୍ଗଷ୍ଟାରଙ୍କୁ କିଭଳି ସାବାଡ଼ କରାଯିବ ତାହା ମନ୍ତ୍ର ମଧ୍ୟ ଶିଖାଇଛନ୍ତି। ବଡ଼ କଥା ହେଲା, ଏହି ୨୪୫ଜଣ ୱାର୍ଡରଙ୍କୁ ଟେକ୍ନୋଲୋଜି ଫ୍ରେଣ୍ଡ୍ଲି କରାଯାଇଛି। ସେମାନଙ୍କୁ କମ୍ପ୍ୟୁଟର ଶିକ୍ଷାଠାରୁ ଆରମ୍ଭ କରି କିଭଳି ସିସିଟିଭି ମନିଟରିଂ କରାଯିବ ତାହାର କୌଶଳ ମଧ୍ୟ ଶିକ୍ଷା ଯାଇଛି। ସେମାନେ ବିଭିନ୍ନ ଜେଲରେ ନିଯୁକ୍ତି ହେବା ପରେ ଏହି ସବୁ ଟେକ୍ନୋଲୋଜିକୁ ବ୍ୟବହାର କରିବେ। ବିଶେଷ କରି କଏଦୀମାନଙ୍କ ତଥ୍ୟ ଏବଂ ଜନ୍ମରୁ ଜେଲ୍ ପର୍ଯ୍ୟନ୍ତ ପହଞ୍ଚିବା କୁଣ୍ଡଳି ସେମାନେ କମ୍ପ୍ୟୁଟରରେ ଏଣ୍ଟ୍ରି କରି ରଖିବେ।

## ବେଲଜିୟମ୍‌ରେ ଉତ୍କଳ ଦିବସ



**ଭୁବନେଶ୍ୱର, ୨।୪ (ସମିସ):** ବେଲଜିୟମ୍‌ର ରାଜଧାନୀ ବ୍ରସେଲସ୍‌ଠାରେ ବେଲଜିୟମ୍ ଓଡ଼ିଆ ଆସୋସିଏସନ୍ ପକ୍ଷରୁ ଉତ୍କଳ ଦିବସ ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବେଲଜିୟମ୍‌ର ମିସନ୍ ଇନ୍ ଇଣ୍ଡିଆ ଆମ୍ବାସିର ଡେପୁଟି ଚିଫ୍ ଦେବାଶିଷ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ସହ ଓଡ଼ିଆ ସିନେମାର ଲୋକପ୍ରିୟ ଗୀତଗୁଡ଼ିକ ମଧ୍ୟ ପରିବେଷଣ କରାଯାଇଥିଲା। ଏହାସହ କୁନିକୁନି ପିଲାଙ୍କ ମଧ୍ୟରେ ଫ୍ୟାସନ୍ ଓ ରାମ୍ପ୍ ସୋ' କରାଯାଇଥିଲା। କାର୍ଯ୍ୟକ୍ରମରେ ବେଲଜିୟମ୍‌ରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ପାରମ୍ପରିକ ବସ୍ତ୍ର ପରିଧାନ କରି ଉତ୍କଳ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହାସହ ସାମୂହିକ ଭାବେ ହୋଲି ଅନୁଷ୍ଠିତ ହୋଇଥିଲା।

## ମାଓବାଦୀଙ୍କୁ ଜଗିବାକୁ ଆସିବ ୮ଟି ଅତ୍ୟାଧୁନିକ ଡ୍ରୋନ୍

**ଭୁବନେଶ୍ୱର, ୨।୪(ସମିସ):** ନିର୍ବାଚନକୁ ଆଖି ଆଗରେ ରଖି ମାଓବାଦୀମାନେ ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ହିଂସା ଘଟାଉଛନ୍ତି। ଗାଡ଼ି ପୋଡ଼ିବା ସହ ନିରୀହ ଲୋକଙ୍କୁ ଭୋଟ ବର୍ଜନ କରିବା ପାଇଁ ଧମକ ଦେଉଛନ୍ତି। ଏହିଭଳି ଓଡ଼ିଶାର ମାଲକାନଗିରି ଏବଂ କୋରାପୁଟ୍‌ରେ ମାଓବାଦୀମାନେ ନିର୍ବାଚନ ବର୍ଜନ କରିବାକୁ ପୋଷ୍ଟର୍ ମାରିଛନ୍ତି। ଏହି ପୋଷ୍ଟର ପରେ ଓଡ଼ିଶା ପୁଲିସ ଏବଂ ସୁରକ୍ଷା ବାହିନୀ ସଜାଗ ହୋଇଛନ୍ତି। ସୀମାବର୍ତ୍ତୀ ଅଞ୍ଚଳରେ ଯାଞ୍ଚ କରିବା ସହ ସୁରକ୍ଷା ବଢ଼ାଇ ଦିଆଯାଇଛି। ଆଗକୁ ନିର୍ବାଚନ ଥିବାରୁ ମାଓବାଦୀମାନେ ଓଡ଼ିଶାରେ ହିଂସା ଘଟାଇବାର ସମ୍ଭାବନା ରହିଛି। ତେଣୁ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଓଡ଼ିଶା ପୁଲିସ ୮ଟି ଅତ୍ୟାଧୁନିକ ଡ୍ରୋନ୍ ଆଣୁଛି। ଏହି ଡ୍ରୋନ୍ ଖୁବ୍‌ଶୀଘ୍ର ଓଡ଼ିଶାରେ ପହଞ୍ଚି କାର୍ଯ୍ୟ କରିବ। ଉକ୍ତ ଡ୍ରୋନ୍ ପକ୍ଷୀ ଆକୃତିର ହୋଇଥିବା ବେଳେ ଉଡ଼ିବା ସମୟରେ ଶବ୍ଦ ଏବଂ ରଙ୍ଗ ବାରିବା ସମ୍ଭବପର ନୁହେଁ। ପକ୍ଷୀ ଭଳି ଘଞ୍ଚ ଜଙ୍ଗଲ ଉପରେ ଏହି ଡ୍ରୋନ୍ ଉଡ଼ି ବୁଲିବ। ଏହାକୁ ଜଣେ ଅଧିକାରୀ ମନିଟରିଂ କରିବେ। ଡ୍ରୋନ୍ ଫଟୋ ଏବଂ ଭିଡିଓ ସଂଗେସଂଗେ ଲଗାଯାଇଥିବା ଡିସ୍‌ପ୍ଲେ'ରେ ଉପଲବ୍ଧ ହେବ। ଫଳରେ ସହଜରେ ମାଓବାଦୀଙ୍କୁ ଚିହ୍ନଟ କରାଯାଇ ପାରିବ ବୋଲି ମାଓ-ଅପରେସନ୍‌ରେ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଅହୁରି ମଧ୍ୟ ପ୍ରଥମଥର କର୍ଣ୍ଣର ସଟ୍-ଗନ କିଣା ହେବା ନେଇ ନିଷ୍ପତ୍ତି ହୋଇଛି। କେବେଳ ଏହି ଦୁଇଟି ଅତ୍ୟାଧୁନିକ ବନ୍ଧୁକ ନୁହେଁ, ଏହିଭଳି ଅନେକ ବନ୍ଧୁକ ଅଣାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅତ୍ୟାଧୁନିକ ବନ୍ଧୁକଚାଳନା ପାଇଁ ଓଡ଼ିଶାରେ ନୂଆ କରି ଖୋଲିବ ଏସ୍‌ଟିସି। ମାଓ ଅପରେସନ୍ ବା ଆତଙ୍କବାଦୀ ଆକ୍ରମଣ ଭଳି ପରିସ୍ଥିତି ମୁକାବିଲା ପାଇଁ ଯବାନମାନଙ୍କୁ ଦିଆଯିବ ଟ୍ରେନିଂ। ନୂଆନୂଆ ଢାଞ୍ଚାରେ ନୂଆନୂଆ ଅସ୍ତ୍ରଶସ୍ତ୍ରର ବ୍ୟବହାର ଶିଖି କିଭଳି ତାକୁ ମାଓ ଅପରେସନ୍‌ରେ ବ୍ୟବହାର କରାଯିବ, ତାହା ଉପରେ ଧ୍ୟାନ ଦିଆଯିବ।

**ଉଡ଼ିବା ସମୟରେ ଶବ୍ଦ, ରଙ୍ଗ ବାରିବା କଷ୍ଟକର**
**ପକ୍ଷୀ ଆକୃତିର ଘଞ୍ଚ ଉପରେ ଉଡ଼ି ବୁଲିବ**
**ଆସିବ ଅତ୍ୟାଧୁନିକ କର୍ଣ୍ଣର ସଟ୍ ଗନ୍**

## ୪ ଟନ୍ ଗୋମାଂସ ଜବତ

**ନିରାକାରପୁର,୨।୪(ସମିସ):** ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୁଲିସ ବଡ ସଫଳତା ମିଳିଛି। ଏକ ଟ୍ରକରୁ ୪ ଟନ୍ ଗୋମାଂସ ଜବତ କରିବା ସହ ଏହି ବେଆଇନ କାରବାରରେ ସଂଶ୍ଳିଷ୍ଟ ୩ଜଣଙ୍କୁ ଗିରଫ କରିଛି। ପୁଲିସ ଉକ୍ତ ଗାଡ଼ିକୁ ନିରାକାରପୁର ଗେଟ ବଜାରରେ ଅଟକାଇଥିଲା। ଜବତ ଗାଡ଼ିଟି ପୁରୀ ଜିଲ୍ଲା ପିପିଲି ଥାନା ଧାନଗହୀର ଅଞ୍ଚଳରୁ ହାଟସାହିର କବାତ ଓରଫ ଧଡ଼ିଆ ଶାହାଙ୍କ ନିର୍ଦ୍ଦେଶରେ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗୋମାଂସ ଲୋଡ କରି ବ୍ରହ୍ମପୁର ଅଞ୍ଚଳକୁ ରପ୍ତାନୀ କରାଯାଉଥିବା ଜଣାପଡିଥିଲା। ଆନ୍ଧ୍ରପ୍ରଦେଶ ଅନନ୍ତପୁରମ ତାଡ଼ପତ୍ରୀ ସେକ ମୌଲାଲୀ ଟ୍ରକ୍‌ରେ ଗୋମାଂସ ଚାଲାଣ ହେଉଥିବା ବେଳେ ଉକ୍ତ ଟ୍ରକ୍‌ରୁ ପ୍ରବଳ ପାଣି ବାହାରୁଥିଲା। ସନ୍ଦେହରେ କିଛି ବଜରଙ୍ଗ ଦଳ କର୍ମୀମାନେ ଟ୍ରକ୍‌କୁ ନିରାକାରପୁର ବଜାରରେ ଅଟକାଇ ପୁଲିସକୁ ଖବର ଦେଇଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଶାନ୍ତିଲତା ମହାପାତ୍ର
ଆର୍ବିଭାବ : ୨୦/୦୧/୧୯୪୦
ତିରୋଧାନ : ୧୫/୦୩/୨୦୨୩
ସିମୋର, ବେଗୁନିଆ, ଖୋର୍ଦ୍ଧା

ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ। ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା।

ହତଭାଗ୍ୟ ପୁତ୍ର ଓ ପୁତ୍ରବଧୂ ବଲ୍ଲଭ, ସୁଲଭ, ଅକ୍ଷୟ, ଅଜୟ, ସନ୍ତୋଷ, ବାବୁଲି, ସଞ୍ଜୁ, ସୁଚି,ଚିନୁ,ଡଲି, ଲକି, ଜିନା, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ



## ଦିନିକିଆ ରିମାଣ୍ଡରେ ଚୋରା ବନ୍ଧୁକ ବେପାରୀ

# ସତ ଉଗାରିଲା ସୂରଜ, ମୁଙ୍ଗେର ଗଲେ ୫ ଜଣିଆ ଟିମ୍

ଭୁବନେଶ୍ୱର, ୨।୪(ସମିସ):

ଭୁବନେଶ୍ୱରରେ ଚୋରା ବନ୍ଧୁକ କାରବାର ଗୁମର ଖୋଲିବ। ବନ୍ଧୁକ ଚୋରା ଚାଲାଣ ପଛରେ ସମ୍ପୃକ୍ତ ସୂରଜ ପରିଡ଼ାକୁ ଦିନିକିଆ ରିମାଣ୍ଡରେ ଆଣିଛି ସ୍ୱତନ୍ତ୍ର ଅପରାଧ ଶାଖା। ତାକୁ ପଚରାଉଚରା ପରେ ଜବତ ହୋଇଥିବା ବିହାର ମୁଙ୍ଗେର ସହ ୫ଟି ବନ୍ଧୁକର ଲିଙ୍କ୍ ରହିଛି ବୋଲି ପ୍ରମାଣିତ ହୋଇଛି। ବିହାରରେ ୭.୬୫ ଏମ୍ଏମ୍ର ବନ୍ଧୁକ ଗୋଟାକୁ ୨୫ହଜାର ଟଙ୍କାରେ ମିଳିଯାଉଥିବାରୁ ସେଠାରୁ ଅଣାଯାଇଥିଲା। କମ୍ମୂଲ୍ୟରେ ବନ୍ଧୁକ କିଣି ରାଜଧାନୀରେ ନିଶା ମାଫିଆ, ପେସାଦାର ଅପରାଧୀ, ଗୋ-ଚାଲାଣ କରୁଥିବା ତସ୍କରୀ ଓ ସୁପାରି କିଲରଙ୍କୁ ଏହି ବନ୍ଧୁକ ଯୋଗାଉଥିଲେ। ଏମିତିକି ଅନେକ ସମୟରେ ଲୁଟେରା ଓ ସିନ୍ଧିଚୋରଙ୍କୁ ଭଡ଼ାରେ ବନ୍ଧୁକ ଦେଉଥିଲେ। ଗ୍ୟାଙ୍ଗ୍ ମୁଖିଆ ସୁବ୍ରତ ଖୁଣ୍ଟିଆ ଓରଫ ବବ୍‌ଲୁ ସହ ସୁରଜ ଏହି

**ଗୋଲ୍ଡେନ ସିଂ ସହ ସୂରଜର ମୁହାଁମୁହିଁ ଜେରା**



ବନ୍ଧୁକ କାରବାର ଚଳାଇଥିଲା। ଉଭୟ ଏକସଙ୍ଗରେ ଡିପ୍ଲୋମା ଇଞ୍ଜିନିୟରିଂ ପାସ୍ କରିଥିଲେ। ଟଙ୍କା ରୋଜଗାର ଲାଗି ଉଭୟ ମିଶି ବନ୍ଧୁକ କାରବାର ଚଳାଇ ଆସିଥିଲେ। ସୂରଜ ବନ୍ଧୁକ କାରବାର କରି ପୁଳାଏ ସମ୍ପତ୍ତି କରିଥିବା ଜଣାପଡ଼ିଛି। ସୂରଜର ଆର୍ଥିକ କାରବାର ଦିଗ ବିଷୟରେ ବି ଖୋଳତାଡ଼ କରାଯାଉଛି।

ସେଭଳି କଟକରେ ଧରାପଡ଼ିଥିବା ବିହାର କୁଖ୍ୟାତ ବନ୍ଧୁକ ବେପାରୀ ଗୋଲ୍ଡେନ ସିଂକୁ ସ୍ୱତନ୍ତ୍ର ଅପରାଧ ଶାଖାର କର୍ମଚାରୀମାନେ ପଚରାଉଚରା କରିଥିଲେ। ଫେରାର୍ ବବ୍‌ଲ ଓ ସହଯୋଗ ସୁରଜ ମିଶି ବିହାରକୁ ଯାଇ ଗୋଲ୍ଡେନ ସିଂ ଠାରୁ ବନ୍ଧୁକ କିଣିଥାନ୍ତି। ମଙ୍ଗଳବାର ସୂରଜକୁ ରିମାଣ୍ଡରେ ନେଇ ଗୋଲ୍ଡେନ ସିଂ ସହ ମୁହାଁମୁହିଁ ଜେରାକରିଛି। କୁହାଯାଉଛି ଯେ, ଗୋଲ୍ଡେନ ସିଂ ସୁରଜକୁ ଚିହ୍ନିପାରିଛି। ତେଣୁ ସେଠାକୁ କମିସନ୍‌ରେଟ ପୁଲିସର ୪ଜଣିଆ ଟିମ୍ ଯାଇଛି। ସ୍ଥାନୀୟ ପୁଲିସ ସହାୟତାରେ ମୁଙ୍ଗେର ବନ୍ଧୁକ ବାବଦରେ ଅଧିକ ଖୋଳତାଡ଼ କରାଯାଉଛି। ସେପଟେ ସୂରଜକୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯାଇଥିଲା। କିନ୍ତୁ କୋର୍ଟ ଦିନକ ଲାଗି ହେପାଜତରେ ନେବାକୁ ଅନୁମତି ଦେବା ପରେ ସୂରଜକୁ ଦୀର୍ଘଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ଫେରାର୍ ଥିବା ବବ୍‌ଲୁ ସମ୍ପର୍କରେ ତଥ୍ୟ ହାସଲ ଲାଗି ମାରାଥନ୍ ଜେରା କରିଛି। ତେବେ ସେମାନଙ୍କ ଠାରୁ କିଛି ପେସାଦାର ଅପରାଧୀ ବନ୍ଧୁକ କିଣିଥିବାରୁ ସେମାନଙ୍କ ତଥ୍ୟ ନେଇଛନ୍ତି ସ୍ୱତନ୍ତ୍ର ଅପରାଧ ଶାଖାର କର୍ମଚାରୀ।

### ଚିନ୍ତା ବଢ଼ାଇଲାଣି ୯-ଏମ୍ଏମ୍



ବନ୍ଧୁକ ଜବତ ହେବା ଯେତିକି ଚିନ୍ତାର କାରଣ ନୁହେଁ, ୯-ଏମ୍ଏମ୍ ଗୁଳି ସହ ବନ୍ଧୁକ ଜବତକୁ ନେଇ କମିସନରେଟ୍ ପୁଲିସର ଚିନ୍ତା ବଢ଼ିଯାଇଛି। ସାଧାରଣତଃ ୭.୬୫ ଗୁଳି ବଜାରରେ ଅତି ସହଜରେ ମିଳିଯାଉଛି। ଗୁଳି ଗୋଟା ପିଛା ୨୦୦ ଟଙ୍କାରୁ ୨୫୦ ଟଙ୍କା ମିଳିଯାଉଛି। କିନ୍ତୁ ୯-ଏମ୍ଏମ୍ ଗୁଳି ଅର୍ଦ୍ଧସାମରିକ ବାହିନୀ ଓ ପୁଲିସମାନଙ୍କୁ ଦିଆଯାଇଥାଏ। ସୁରକ୍ଷା, ଅପରାଧ ଓ ଆତଙ୍କବାଦ ଦମନରେ ବ୍ୟବହାର ଲାଗି ୯-ଏମ୍ଏମ୍ ଗୁଳି ମିଳିଥାଏ। ମାତ୍ର ସେମାନେ ଏହ ଗୁଳିଗୁଡ଼ିକୁ ବିକ୍ରିକରି ଦେଉଥିବାର ଅଭିଯୋଗ ରହିଛି। ତେବେ ଚୋରା ବନ୍ଧୁକ ବେପାରୀଙ୍କ ନିକଟରୁ ପହଞ୍ଚୁଥିବା ୯-ଏମ୍ଏମ୍ ଗୁଳିର ମୂଳ ଉତ୍ସ ଖୋଜାଯାଉଛି। ଏଥିସହ ଗୁଳିଗୁଡ଼ିକ ପରୀକ୍ଷା ଲାଗି ଫୋରେନ୍‌ସିକ୍ ଲାବ୍ରୋଟୋରୀକୁ ପଠାଯାଉଛି। କିନ୍ତୁ ଗୁଳିଗୁଡ଼ିକୁ ଟ୍ୟାମ୍ପରିଂ କରି କେଉଁଠି ପ୍ରସ୍ତୁତ ଏବଂ କାହାକୁ ଦିଆଯାଉଥିଲା, ତାକୁ ଲିଭାଇ ଦେଇଛନ୍ତି ମାଫିଆ।

### ■ ତିନିବର୍ଷ ହେଲା ଦୁଇଭାଇଙ୍କ ରାଜୁତି

ସୂରଜକୁ ପଚରାଉଚରା ପରେ ତଦନ୍ତକାରୀ ୟୁନିଟ୍ ହାତରେ ସାଂଘାତିକ ତଥ୍ୟ ଲାଗିଛି। ଏହି ଚୋରା ବନ୍ଧୁକ ଓ ନିଶା କାରବାରରେ ସମ୍ପୃକ୍ତ ରହି ଫେରାର୍ ଥିବା ଗ୍ୟାଙ୍ଗ୍ ମୁଖିଆ ସୁବ୍ରତ ଖୁଣ୍ଟିଆ ଓରଫ ବବ୍‌ଲୁ ଏବଂ ବଡ଼ଭାଇ ସଞ୍ଜୟ ଖୁଣ୍ଟିଆ ଓରଫ ବାପୁନିର ବନ୍ଧୁକ ସ୍ମଗଲିଂର ବଡ଼ ଖୁଲାସା ହୋଇଛି। ଗଲା ୩ବର୍ଷ ହେବ ଦୁଇଭାଇ ରାଜଧାନୀ ସହ ବିଭିନ୍ନ ଜିଲ୍ଲାରେ ବନ୍ଧୁକ କାରବାର ସାମ୍ରାଜ୍ୟ ଚଳାଇ ଆସୁଥିଲା। ଦୁଇଭାଇଙ୍କ ଠାରୁ ଗୋଟିଏ କାର୍ବାଇନ୍ ସହ ୮ଟି ବନ୍ଧୁକ ଜବତ କରାଯାଇଛି। କିନ୍ତୁ ସାନଭାଇ ବବ୍‌ଲୁ ଫେରାର୍ ରହିଥିବା ବେଳେ ପୂର୍ବରୁ ବାପୁନିକୁ ଗିରଫ କରି ଜେଲ୍‌କୁ ପଠାଇ ଦେଇଛି। ଗତ ବର୍ଷକ ଭିତରେ ଭୁବନେଶ୍ୱରରୁ ୨୦ ବନ୍ଧୁକ ଜବତ ହୋଇଥିବା ବେଳେ ଦୁଇଭାଇଙ୍କ ଠାରୁ କେବଳ ୮ଟି ମିଳିଛି। ସେହିପରି ବାପୁନି ଗିରଫ ହେବା ପରେ ବବ୍‌ଲୁ ଏହି ବନ୍ଧୁକ ଓ ନିଶା କାରବାର ମଙ୍ଗ ଧରିଥିଲେ। ବଡ଼ଭାଇ ରାସ୍ତାକୁ ଅନୁସରଣ କରି ନିଜ କିଛି ଯୁବକଙ୍କୁ ନେଇ ସାମ୍ରାଜ୍ୟ ବଢ଼ାଉଥିଲା। ଏମିତିକି ବବ୍‌ଲୁ ନିଜ ପ୍ରେମିକା ଓ ତାଙ୍କ ସମ୍ପର୍କୀୟ ଭଉଣୀକୁ ବ୍ରାଉନ୍‌ସୁଗର କାରବାରରେ ଲଗାଇଥିଲା। ଉଭୟ ଭଉଣୀଙ୍କୁ ଗିରଫ କରିବା ସହ ୨୭ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିଥିଲା ସ୍ୱତନ୍ତ୍ର ଅପରାଧ ଶାଖା।

### ■ ରାଜଧାନୀରେ ରାଜସ୍ଥାନୀ ବନ୍ଧୁକ

ରାଜଧାନୀରୁ ବନ୍ଧୁକ ଜବତ ହେବା ପରେ ଖୋଳତାଡ଼ ପରେ ସିଧା ବିହାରର ମୁଙ୍ଗେର ଲିଙ୍କ୍ ଆସିଥାଏ। କିନ୍ତୁ ବିହାର ମୁଙ୍ଗେରରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ପୁଲିସ ସହ ବିଭିନ୍ନ ତଦନ୍ତକାରୀ ଦଳଗୁଡ଼ିକୁ ଚଢ଼ଉ କରିବାରୁ ବଦଳୁଛି ଠିକଣା। ବିହାର ଥିବା ବନ୍ଧୁକ କାରାଖାନାଗୁଡ଼ିକୁ କିଛି ମାତ୍ରାରେ ବନ୍ଦକରି ମାଫିଆମାନେ ଅନ୍ୟ ରାଜ୍ୟରେ ଖୋଲି ବଡ଼ଧରଣର ବନ୍ଧୁକ କାରବାର ଚଳାଇଛନ୍ତି। ବିହାର ମୁଙ୍ଗେର ପରେ ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ କୋଲକାତାର ବାରାକ୍‌ପୁରରୁ ବନ୍ଧୁକ ଆସିଥିବାର ନୂଆ ପ୍ରମାଣ କମିସନରେଟ୍ ପୁଲିସ ହାତରେ ଲାଗିଛି। ମୁଙ୍ଗେର ଏବେ ପୁଲିସର ସ୍କାନରକୁ ଆସୁଥିବାରୁ ଏହି ସବୁ ରାଜ୍ୟଗୁଡ଼ିକୁ ଏବେ ବନ୍ଧୁକ ଆସୁଛି। ପୂର୍ବରୁ ଧରାପଡ଼ିଥିବା ଧଳସାମନ୍ତ ଭ୍ରାତ୍ରାଙ୍କ ନିକଟରୁ ଉତ୍ତରପ୍ରଦେଶରୁ ନିର୍ମିତ ଦାମୀ ବନ୍ଧୁକ ମିଳିଥିଲା। ତା' ପରେ ଆଉ କେଉଁଠି ବି ଉତ୍ତରପ୍ରଦେଶର ବନ୍ଧୁକ ମିଳି ନ ଥିଲା। କିନ୍ତୁ ଏବେ ଉତ୍ତରପ୍ରଦେଶ ଓ ରାଜସ୍ଥାନରୁ ବନ୍ଧୁକ ଆସୁଥିବାରୁ ପୁଲିସର ଚିନ୍ତା ବଢ଼ିଯାଇଛି।

## ଦାଦା ଆକାଉଣ୍ଟରୁ ୨ ଲକ୍ଷ ଖାଲି; ପୁତୁରା ଗିରଫ

**ଏଟିଏମ୍ ବଦଳାଇ ୨ ଲକ୍ଷ ନେଇଗଲା**

ଭୁବନେଶ୍ୱର, ୨।୪(ସମିସ): ଦାଦାର ଆକାଉଣ୍ଟରୁ ଅତି ଚତୁରତାର ସହ ଟଙ୍କା ନେଇଗଲା ପୁତୁରା। ଏଟିଏମ୍‌ର ପିନ୍ ବଦଳାଇ ଟଙ୍କା ନେଇ ମୋବାଇଲ ଫୋନ୍ କିଣିଥିଲା। ମଙ୍ଗଳବାର ଏମିତି ଏକ ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଟଣୀର ବିକ୍ରମ ଭୋଇ।

ପୁଲିସର କହିବା କଥା, ପଞ୍ଚୁଗାଁର ଅପର୍ତ୍ତୀ ଭୋଇ ଜମି ବିକ୍ରିକରି ନିଜର ବ୍ୟାଙ୍କ୍ ଆକାଉଣ୍ଟରେ ଅର୍ଥ ରଖିଥିଲେ। ଗତ ଫେବୃଆରୀ ମାସରେ ନିଜ ପୁତୁରା ତାଙ୍କ ଘରକୁ ଆସିଥିଲେ। ପରେ ଦାଦା ଆକାଉଣ୍ଟରେ ଥିବା ଟଙ୍କାକୁ ଆତ୍ମସାତ୍ କରିବାକୁ ଯୋଜନା କରିଥିଲେ। ଅପର୍ତ୍ତୀଙ୍କ ଏଟିଏମ୍ କାର୍ଡ ପିନ୍ ବଦଳାଇ କିଛି ପର୍ଯ୍ୟାୟରେ ୨, ୨୮, ୯୦୦ ଟଙ୍କା ଉଠାଇ ନେଇଯାଇଥିଲେ। ସେଇ ଟଙ୍କାରେ ବିକ୍ରମ ଫୋନ୍ ସହ ଦାମୀ ଜିନିଷ କିଣି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ଏଟିଏମ୍ କାଉଣ୍ଟରରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ଏହି ଟଙ୍କା ଉଠାଣରେ ସମ୍ପୃକ୍ତି ଥିବା ଅଭିଯୁକ୍ତ ବିକ୍ରମକୁ ଜଟଣୀରୁ ଗିରଫ କରିଥିଲା ଏୟାରଫିଲ୍ଡ ଥାନା ପୁଲିସ। ତା' ଠାରୁ କିଛି ଟଙ୍କା, ଦୁଇଟି ଡିପୋଜିଟ୍ ସ୍ଲିପ ଏବଂ ଏକ ନୂଆ ମୋବାଇଲ୍ ଫୋନ ଜବତ କରିଛି।

## ଗଞ୍ଜେଇ ସହ ବୋଲେରୋ ଜବତ; ଦମ୍ପତି ଗିରଫ

**କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି**

ଭୁବନେଶ୍ୱର, ୨।୪(ସମିସ): କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ଅଭିଯୋଗରେ ମଙ୍ଗଳବାର ଦମ୍ପତିଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ନିରଞ୍ଜନ ଦିଗାଲ ଓ ଝାନ୍‌ସୀ ନାୟକ। ସେମାନଙ୍କ ଠାରୁ ୨୧ କିଲୋ ଗଞ୍ଜେଇ ଓ ବୋଲେରୋ ଜବତ କରାଯାଇଛି।

ପୁଲିସର କହିବାନୁଯାୟୀ, ଗତ କିଛିମାସ ହେଲା ଉଭୟ ସ୍ୱାମୀ, ସ୍ତ୍ରୀ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ସହରରେ ବିକ୍ରି କରୁଥିଲେ। ମଙ୍ଗଳବାର ଏକ ବୋଲେରୋରେ ଗଞ୍ଜେଇ ଆଣି ଗନ୍ତବ୍ୟବସ୍ଥଳକୁ ଯାଉଥିବା ବେଳେ ଆଇଜିକେସି ହସ୍ପିଟାଲ ସନ୍ନିକଟ ଘାଟିକିଆ ସର୍ଭିସ ରୋଡରେ ଅତର୍କିତ ଚଢ଼ଉ କରାଯାଇଥିଲା। ସେହିପରି ଲକ୍ଷ୍ମୀସାଗର ଥାନା କେନାଲ ରୋଡରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗିରିଧାରୀ ଭୋଇ ଓ ସୁବାସ ବେହେରା ସେମାନଙ୍କ ଠାରୁ ୧୦ଗ୍ରାମ ବ୍ରାଉନ୍‌ସୁଗର ଜବତ କରାଯାଇଛି।

## ମାର୍‌ପିଟ୍ ଘଟଣାରେ ୮ ଗିରଫ

ଭୁବନେଶ୍ୱର, ୨।୪(ସମିସ): ଦୋକାନ ଆଗରେ ଅଳିଆ ପକାଇବାକୁ କେନ୍ଦ୍ରକରି ମାର୍‌ପିଟ୍ ମାମଲାରେ ଉଭୟ ପକ୍ଷରୁ ୪ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସର୍ବେଶ୍ୱର ପ୍ରଧାନ, ଉର୍ମିଳା ରଣସିଂ, କୁମାରୀ ଭଟ୍ଟ ଏବଂ ନିରଞ୍ଜନ ଭଟ୍ଟ। ଦୋକାନ ସାମ୍‌ନାରେ ଡଷ୍ଟବିନ୍ ନ ରଖିବାରୁ ଦୁଇ ଦୋକାନୀଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ମଙ୍ଗଳବାର ଏହି ବିବାଦ ଉଗ୍ରରୂପ ଧାରଣ କରିବାରୁ ହଣାକଟା ଲାଗିଥିଲେ। ଏଥିରେ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଭଳି ୪ଟି ମାମଲାରେ ସମ୍ପୃକ୍ତି ରହିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୋହନ ଭୋଇ, ସରୋଜ ସାମନ୍ତରାୟ, ସୁନିଆ ବେହେରା ଓ ସୌମ୍ୟଜିତ ମହାପାତ୍ର।

## ପାର୍କରେ ଅସଦାଚରଣ: ଛେଚା ଖାଇଲା ଯୁବକ

ଭୁବନେଶ୍ୱର, ୨।୪(ସମିସ): ବୁଦ୍ଧ ପାର୍କରେ ଛକି ରହି ଯୁବତୀଙ୍କୁ ଅସଦାଚରଣ କରୁଥିବା ଜଣେ ଯୁବକକୁ ଅଟକ ରଖିଛି ପୁଲିସ। ସୂଚନା ଅନୁସାରେ, ବ୍ୟକ୍ତି ଜଣଙ୍କ ବୁଦ୍ଧ ପାର୍କକୁ ସବୁଦିନ ଯାଉଥିଲେ। ମୁହଁ ଅନ୍ଧାର ହେବା ମାତ୍ରେ ସୁଯୋଗ ଦେଖି ଯୁବତୀଙ୍କୁ ଅସଦାଚରଣ କରୁଥିଲେ। ଏହିଭଳି ଜଣେ ଯୁବତୀଙ୍କୁ ଏକଲା ପାଇ ପାର୍କରେ ଅସଦାଚରଣ କରିବା ବେଳେ ଯୁତତୀ ଜଣଙ୍କ ପାଟି କରିଥିଲେ। ଉପସ୍ଥିତ ଲୋକେ ଯୁବକକୁ କାବୁକରି ନିସ୍ତୁକ ମାଡ଼ ମାରିଥିଲେ। ଏହାପରେ ପୁଲିସ ପହଞ୍ଚି ଯୁବତୀଙ୍କୁ ମେଡିକାଲ ନେବା ପରେ ଥାନାରେ ଅଟକ ରଖି ପଚରାଉଚରା କରୁଛି।

**ଗାଡ଼ି ଚାଳକଙ୍କୁ କମିସନରେଟ୍ ପୁଲିସର ଚେତାବନୀ**

## ଟ୍ରାଫିକ୍ ଛକରେ ମୋବାଇଲ୍ ମନା

ଭୁବନେଶ୍ୱର, ୨।୪ (ସମିସ): ଏଣିକି ଟ୍ରାଫିକ ଛକରେ ମୋବାଇଲ ଫୋନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଟ୍ରାଫିକ୍ ଛକରେ ସିଗ୍‌ନାଲ ନାଲି ହେଲେ ଚାଳକ ଅଟକିଯାଆନ୍ତି। ପରେ ସମୟ କାଟିବା ପାଇଁ ମୋବାଇଲ୍ ଫୋନ୍‌କୁ ପକେଟ୍‌ରୁ କାଢ଼ି ବ୍ୟବହାର କରନ୍ତି। କିଏ ଫେସ୍‌ବୁକ୍ ଖୋଲେ, ପୁଣି କିଏ ୟୁ-ଟ୍ୟୁବ କିମ୍ବା ଇନ୍‌ଷ୍ଟାଗ୍ରାମ୍‌ରୁ ଭିଡିଓ ଖୋଜି ଦେବେ। ହେଲେ ଏଣିକି ଟ୍ରାଫିକ ଛରେ ଛିଡ଼ା ହୋଇ ମୋବାଇଲ ଫୋନ୍‌ରେ ଟାଇମ୍‌ପାସ୍ କରିପାରିବ ନାହିଁ। ଟ୍ରାଫିକ ସିଗ୍‌ନାଲ ଡ୍ରାଇଭିଂର ଏକ ଅଂଶ ହୋଇଥିବା ଯୋଗୁଁ ଏହି ନିୟମ କରାଯାଇଛି। ରାଜଧାନୀରେ ମୋବାଇଲ୍ ଫୋନ୍‌ରେ କଥା ହେବା କ୍ଷେତ୍ରରେ ଧରପଗଡ଼କୁ ବ୍ୟାପକ କରାଯାଇଛି। ମୋବାଇଲ୍ ଫୋନ୍‌ରେ କଥା ହେବା ସମୟରେ ଧରାପଡ଼ିଲେ, ଗାଡି ଜବତ କରାଯାଉଛି। ଏହି ଉଲ୍ଲଂଘନ ଲାଗି ଚାଳକଙ୍କ ଠାରୁ ଜରିମାନା ଆଦାୟ କରା ନ ଯାଇ ଗାଡ଼ିଗୁଡ଼ିକୁ ଜବତ କରାଯାଉଛି। ପରେ କୋର୍ଟକୁ ପିଆର୍ ପଠାଇ ଦିଆଯାଉଛି। କୋର୍ଟରେ ଜରିମାନା ରାଶି ପଇଠ କରିବା ପରେ ଗାଡ଼ି ମୁକୁଳୁଛି। ତେବେ ଟ୍ରାଫିକ୍ ଛକଗୁଡ଼ିକରେ ଗାଡ଼ି ରଖି ମୋବାଇଲ୍ ଫୋନ୍ ଟିପୁଥିବା ଚାଳକଙ୍କ ପ୍ରତି କଠୋର ହୋଇଛି ପୁଲିସ। ଏହି ନିୟମ ଉଲ୍ଲଂଘନ କରୁଥିବା ୭୮୮ ଚାଳକଙ୍କ ଠାରୁ ଜରିମାନା ଆଦାୟ ହୋଇଛି। ସୂଚନା ଅନୁଯାୟୀ, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ଫୋନ୍‌ର ବ୍ୟବହାର, କାନରେ ଇଅର୍‌ଫୋନ୍ ଦେଇ ଗୀତ ଶୁଣିବା ବା କଥା ହେବା, ବ୍ଲୁ-ଟୁଥ୍ ଡିଭାଇସ୍ କାନରେ ଦେବା, ଫଟୋ ଉଠାଇବା, ଭିଡିଓ ଶୁଟ୍ କରିବାକୁ ବାରଣ କରାଯାଇଛି। ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ର ବ୍ୟବହାର ଯୋଗୁଁ ଦୁର୍ଘଟଣା ବଢ଼ିଯାଇଛି। ଏହାକୁ ରୋକିବାକୁ କମିସନରେଟ ପୁଲିସ ପକ୍ଷରୁ ବିବିଧ କାର୍ଯ୍ୟପନ୍ଥା ନିଆଯାଉଛି। ଏହି ନିୟମକୁ ଅବମାନନା କଲେ ଓଡ଼ିଶା ମୋଟରଯାନ ଆଇନ୍ ଅନୁଯାୟୀ ୫ହଜାର ଟଙ୍କା ଜରିମାନା ଏବଂ ସହରାଞ୍ଚଳ ପୁଲିସ ଆଇନ୍ ଅନୁସାରେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଶୃଙ୍ଖଳିତ ଗାଡି ଚାଳଚଳକୁ ଦିଆଯାଉଛି ଗୁରୁତ୍ୱ। ସମସ୍ତ ଆଇନ୍‌କାନୁନ ଅନୁପାଳନ କରି ଗାଡ଼ି ଚଳାଇବା ଲାଗି କୁହାଯାଉଛି। ନଚେତ୍ ଗାଡ଼ିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏମିତିକି ମୋବାଇଲ ଫୋନ୍ ବ୍ୟବହାର କଲେ ଚାଳକଙ୍କ ଲାଇସେନ୍ସ ବାତିଲ୍ ହେବାର ନିୟମ ରହିଛି। ସେହିପରି ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ଚାଳକଙ୍କ ଧରିବା ସହ ଧରପଗଡ଼କୁ ଜୋର୍‌ଦାର କରିବା ପରେ ଗଳାବାଟ ଖୋଜିଛନ୍ତି ଅମାନିଆ ଚାଳକ। ପୁଲିସ କବଳରୁ ବର୍ତ୍ତିବା ଲାଗି କାନରେ ଇୟରଫୋନ୍ ଲଗାଉଛନ୍ତି। ଏଣିକି ଇୟରଫୋନ୍ ଲଗାଇ ଗାଡ଼ି ଚଳାଉ ଧରାପଡ଼ିଲେ ଜରିମାନା ଗଣିବେ ଚାଳକ। ଏନେଇ ସହରର କିଛି ଛକରେ ସଚେତନତା ଲାଗି ଫଳକ ଲଗାଯାଇଛି। ଆହୁରି ୧୫ ଛକରେ ଲାଗିବ ବୋଲି ହୋର୍ଡିଂ ଆସିଛି। ଘରୋଇ ସଂସ୍ଥା ପକ୍ଷରୁ ଗାଡ଼ି ଚଳାଇବା ସମୟରେ ଇଅରଫୋନ୍ ବ୍ୟବହାର ନ କରିବା ଲାଗି ଏଥିରେ ଉଲ୍ଲେଖ ରହିଛି।

## ଅପରାଜିତାଙ୍କ ନାଁରେ ଯୁଗାଂଶୁଙ୍କ ସାଂଘାତିକ ଅଭିଯୋଗ

**ରାତିଅଧିଆ ଡିଲ୍‌କରି ମୋ ଟିକଟ୍ କାଟିଦେଲେ**

ଭୁବନେଶ୍ୱର, ୨।୪ (ସମିସ): ଖୋର୍ଦ୍ଧାର କାଳୁଚରଣ ଖଣ୍ଡାୟତ ପରେ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ଭୁବନେଶ୍ୱର ଉତ୍ତର ବିଜେପି ଟିକଟ ଆଶାୟୀ ପ୍ରାର୍ଥୀ ଯୁଗାଂଶୁ ପଣ୍ଡା। ରାତି ଅଧିଆ ଡିଲ୍‌କରି ସାଂସଦ ତାଙ୍କ ଟିକଟ୍ କାଟି ଦେଇଥିବା ନେଇ ଯୁଗାଂଶୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଯୁଗାଂଶୁଙ୍କ ଅଭିଯୋଗକରି କହିଛନ୍ତି ଯେ ସାଂସଦ ତାଙ୍କୁ ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଦେଇଛନ୍ତି। ଏମିତିକି ବିଜେପି ବିଧାନସଭା ପାର୍ଥୀ ଘୋଷଣାର ଦୁଇଦିନ ପୂର୍ବରୁ ମଧ୍ୟ ଟିକଟ ଦିଆଯିବ ବୋଲି ଅପରାଜିତା ତାଙ୍କୁ କଥା ଦେଇଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ସାଂସଦ ତାଙ୍କୁ ଭଣ୍ଡେଇ ଦେଇଛନ୍ତି ବୋଲି



ଯୁଗାଂଶୁ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଉତ୍ତର ଭୁବନେଶ୍ୱରରେ ସାଂସଦଙ୍କ ପ୍ରତିନିଧି ଭାବେ ଦୀର୍ଘଦିନ ଧରି କାମ କରିଆସିଛନ୍ତି। ଉତ୍ତର ଭୁବନେଶ୍ୱରରେ ଯେଉଁ ଦଳୀୟ କାର୍ଯ୍ୟ ହୁଏ, ଅପରାଜିତା ତାଙ୍କୁ ସାଥୀରେ ନିଅନ୍ତି। ଉତ୍ତର ଭୁବନେଶ୍ୱରରେ ଯୁଗାଂଶୁଙ୍କ ବ୍ୟତୀତ ଏଠାରେ ଅନ୍ୟକେହି ନାହାନ୍ତି ବୋଲି ଅପରାଜିତା କହି ଆସୁଥିଲେ। ଏତେ ପ୍ରତିଶ୍ରୁତି ପରେ ମଧ୍ୟ ତାଲିକାରେ ତାଙ୍କ ନାମ ନହିବା ତାଙ୍କୁ ବେଶ୍ ମର୍ମାହତ କରିଛି। ଅପରାଜିତା ତାଙ୍କୁ ଭଣ୍ଡାଇ ଦେଇଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏପରିକି ୨୮ ତାରିଖରେ ସାଂସଦ ମୋତେ ପ୍ରସ୍ତୁତ ରହିବାକୁ କହିଥିଲା ବେଳେ ୨୯ ତାରିଖରେ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ସହ କ'ଣ ଡିଲ୍ କଲେ ସେନେଇ ସ୍ପଷ୍ଟୀକରଣ ରଖନ୍ତୁ। ଉତ୍ତର ଭୁବନେଶ୍ୱରରେ ସେ କ'ଣ ଡିଲ୍ କରିଛନ୍ତି ତାହାର ଜବାବ ଦିଅନ୍ତୁ ବୋଲି ଯୁଗାଂଶୁ ଦାବି କରିଛନ୍ତି।

## ୬୯ ଲିଟର ଦେଶୀ ମଦ ଜବତ, ୨ ଗିରଫ

ନନ୍ଦନକାନନ, ୨।୪ (ସମିସ): ନନ୍ଦନକାନନ ଥାନା ପୁଲିସ ବେଆଇନ ଦେଶୀମଦ ବିକ୍ରୟ ଅଭିଯୋଗରେ ଖଇରାପଡା ଗ୍ରାମର ବିଜୟ ପରିଡ଼ା (୫୬) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ୍ ସୂଚନା ଅନୁସାରେ ଖଇରପଡ଼ା ଗ୍ରାମରେ ଥିବ ନିଜ ଘର ନିକଟରେ ବେଆଇନ ଦେଶୀମଦ ବିକ୍ରି କରୁଥିବା ବେଳେ ନନ୍ଦନକାନନ ଥାନାର ଏକ ସ୍ପେଶାଲ୍ ଟିମ୍ ଚଢ଼ଉ କରିଥିଲେ। ତଲାସି ବେଳେ ପୁଲିସ ତା ନିକଟରୁ ୬୯ ଲିଟର ଦେଶୀମଦ ଜବତ କରିଥିଲା ବେଳେ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

ସେହିଭଳି ଚୋରା ମଦ ନେଉଥିବା ଅଭିଯୋଗରେ ତୋଫାନ ଚତର ନାମକ ଜଣେ ବ୍ୟକ୍ତିକୁ ବାରଙ୍ଗ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ୍ ସୂଚନା ଅନୁସାରେ ତୋଫାନ ଏକ ପଲ୍‌ସର୍ ଗାଡ଼ିରେ ୨ଟି ନାଲି ବ୍ଲାଡରରେ ୩୦ଲିଟର ଦେଶୀ ରନ୍ଧା ମଦ ଆଠଗଡ଼ରୁ କଟକ ଗୋଡିସାହି ପୁରୀ କେନାଲ ରୋଡ୍ ଦେଇ ଆଣୁଥିବା ବେଳେ ପୁଲିସ ତାକୁ ଧରିଥିଲା।

## ଜାମର୍ ଫେଲ୍ | ଜେଲ୍‌ରୁ ହେଉଛି ଅପରାଧ ନକ୍ସା

ଭୁବନେଶ୍ୱର, ୨।୪(ସମିସ):

ନିକଟରେ ଖୋର୍ଦ୍ଧା ଜେଲ୍‌ରେ ଚଢ଼ଉ କରାଯାଇ ବ୍ରାଉନ୍‌ସୁଗର ମାଫିଆଙ୍କଠାରୁ ମୋବାଇଲ୍ ଫୋନ ଜବତ କରାଯାଇଥିଲା। ସେ ଜେଲ୍ ଭିତରୁ ମୋବାଇଲ୍ ଫୋନ୍ ବ୍ୟବହାର କରି ଡ୍ରଗ୍ସ କାରବାର ଚଲାଇଥିବା ଜଣାପଡ଼ିଥିଲା। ପୁଲିସ ତଦନ୍ତ କରି ଜେଲ୍‌ରୁ ମୋବାଇଲ୍ ଫୋନ୍‌ଗୁଡ଼ିକ ଜବତ କରିବା ପରେ ଘଟଣା ପଦାକୁ ଆସିଥିଲା। ବୁଝିବା ପରେ ଜଣାପଡ଼ିଛି ଯେ, ଝାରପଡ଼ା, ଚୌଦ୍ୱାର, ଖୋର୍ଦ୍ଧା ଏବଂ ରାଜ୍ୟର ଅନ୍ୟାନ୍ୟ ଜେଲ୍‌ରେ କାମ କରୁନି ଜାମର୍। ଓଡ଼ିଶା ବଡ଼ ଜେଲ୍ ଭାବେ ଝାରପଡ଼ା ଏବଂ ଚୌଦ୍ୱାର ଜେଲ୍‌କୁ ବୁଝାଏ। କିନ୍ତୁ ଏହି ଦୁଇଟି ଜେଲ୍‌ରେ ଜାମ୍‌ର କାମ କରୁ ନ ଥିବା ବେଳେ ଅପରାଧ

**୫-ଜି ଜାମର୍ ଲାଗିବ ପାଇଁ ହେଉଛି ବିଳମ୍ବ**

**କଏଦୀ ବ୍ୟବହାର କରୁଛନ୍ତି ମୋବାଇଲ୍ ଫୋନ୍**



ଦମନ ନେଇ ଉଠିଛି ପ୍ରଶ୍ନ। ଜାମର୍ କାମ କରୁ ନ ଥିବାରୁ କଏଦୀମାନଙ୍କ ନିକଟରୁ ଟିଫିନ୍ ବାକ୍ସ ଏବଂ ପରିବା ବ୍ୟାଗ୍ ମାଧ୍ୟମରେ ମୋବାଇଲ୍ ସିମ୍ ଯାଉଥିବା ଅଭିଯୋଗ ହେଉଛି। ଏହି ସବୁ ଜେଲରେ ୨-ଜି ଜାମର୍ ଥିଲେ ମଧ୍ୟ ତାହା କାମ କରୁନି। କଏଦୀଙ୍କ ୫-ଜି ମୋବାଇଲ୍ ଆଗରେ କାମ ଦେଉଛି ଜେଲ୍‌ରେ ଲାଗିଥିବା ୨-ଜି ଜାମ୍‌ର। ଫଳରେ ଜେଲରେ ରହୁଥିବା ଗ୍ୟାଙ୍ଗ୍‌ଷ୍ଟାର ଏବଂ କୁଖ୍ୟାତ ଅପରାଧୀ ଏହାର ଫାଇଦା ନେଉଛନ୍ତି। ଯାହାକି ବିଗତ ଦିନଗୁଡ଼ିକରେ ଦେଖିବାକୁ ମିଳିଛି। ଗ୍ୟାଙ୍ଗ୍‌ଷ୍ଟାରମାନେ ଜେଲ୍‌ରେ ରହି ୫-ଜି ମୋବାଇଲ୍ ଦ୍ୱାରା ଭିଡିଓ କଲ୍, ହ୍ୱାଟ୍ସଆପ୍ କଲ୍, ଫେସ୍‌ବୁକ୍ କଲ୍‌ରେ ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କ ସହ କଥା ହେଉଛନ୍ତି। ସେମାନେ ଜେଲ୍ ଭିତରେ ରହିଲେ ମଧ୍ୟ ଦାଦାବଟି ଠାରୁ ଆରମ୍ଭ କରି ହତ୍ୟା ଭଳି ଷଡ଼ଯନ୍ତ୍ର କରୁଛନ୍ତି। ପୁଲିସ ଯେ କୌଣସି ମାମଲାର ତଦନ୍ତକରି ଜେଲ୍ ନିକଟରେ ପହଞ୍ଚିବା ପରେ ତଦନ୍ତ ଅଟକି ଯାଉଛି।

ଜେଲ୍ ଭିତରେ ଜାମ୍‌ର ଠିକ୍ ଥିଲେ ଏହାର ଆଖପାଖରେ କୌଣସି ମୋବାଇଲ୍ ନେଟ୍‌ୱର୍କ କାମ କରିବ ନାହିଁ। କଏଦୀ ୪-ଜି ହେଉ ଅବା ୫-ଜି ମୋବାଇଲ୍ ଧରିଥିବାରୁ ୨-ଜି ଜାମର୍ ଏହାର ନେଟ୍‌ୱର୍କକୁ ବନ୍ଦକରିବା କଷ୍ଟକର ହେଉଛି। ବଡ଼କଥା ହେଲା ରାଜ୍ୟର ପ୍ରମୁଖ ଜେଲ୍ ମଧ୍ୟରେ ଥିବା ଝାରପଡ଼ା ଏବଂ କଟକ ଚୌଦ୍ୱାର ଜେଲ୍‌ରେ ଯଦିବା ୨-ଜି ଜାମ୍ ରହିଛି। ତାହା ମଧ୍ୟ ଠିକ୍ ଭାବେ କାମ କରୁନି। ନିକଟରେ ଏକାଧିକ ଜେଲ୍ ଭିତର ଭିଡିଓ ଭାଇରାଲ୍ ହେବା ପରେ ପୂର୍ବତନ ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ ଏହାକୁ ରୋକିବା ପାଇଁ ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଝାରପଡ଼ା ଜେଲ୍‌ରେ ଚଢ଼ଉ କରି ୨୦ରୁ ଅଧିକ ମୋବାଇଲ୍ ଫୋନ୍ ଜବତ କରିଥିଲେ। କେବଳ ଝାରପଡ଼ା ଜେଲ୍ ନୁହେଁ ଚୌଦ୍ୱାର, ଖୋର୍ଦ୍ଧା ସମ୍ବଲପୁର ଆଦି ଏକାଧିକ ଜେଲ୍‌ରୁ କଏଦୀଙ୍କ ଠାରୁ ମୋବାଇଲ୍ ଏବଂ ପୁଳାପୁଳା ସିମ୍ ଜବତ କରାଯାଇଥିଲା। ଏହା ପରଠୁ ୫-ଜି ଜାମ୍‌ର ଲଗାଇବା ପାଇଁ ଯୋଜନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି ଅତ୍ୟାଧୁନିକ ଜାମ୍‌ର ଲାଗିପାରୁ ନାହିଁ। ଯାହାର ଫାଇଦା ନେଉଛନ୍ତି ଜେଲ୍‌ରେ ଥିବା ଅପରାଧୀ।



# ଭୁବନେଶ୍ୱର ସିଟି

## ନିର୍ବାଚନ ପୂର୍ବରୁ ହେବେ ୧୦ ତଡ଼ିପାର

ଭୁବନେଶ୍ୱର, ୨।୪ (ସମିସ): ନିର୍ବାଚନ ପୂର୍ବରୁ ୧୦ଜଣ ହାର୍ଡକୋର୍ ଅପରାଧୀ ତଡ଼ିପାର ହେବେ । ଏନେଇ କମିସନରେଟ୍ ପୁଲିସ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି । ଖୁବ୍‌ଶୀଘ୍ର ଏନେଇ ତାଲିକା ପ୍ରକାଶ ପାଇବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ତାଲିକାରେ ଥିବା ଅପରାଧୀଙ୍କ ନାଁରେ ଅନେକ ମାମଲା ରହିଛି । ହତ୍ୟା ଉଦ୍ୟମ, ବୋମାମାଡ଼, ଚୋରି, ଡକାୟତି, ଆର୍ମ୍ସ ଆକ୍ଟ ଭଳି ସଂଗୀନ ମାମଲା ରହିଛି । ଏଥିସହ ସେମାନଙ୍କ ବିରୋଧୀରେ ମଧ୍ୟ ୨୦ରୁ ଅଧିକ ୧୧୦ ଦଫା ଲାଗିଛି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେମାନେ ଜାମିନରେ ଆସି ଅପରାଧ ଘଟାଉଛନ୍ତି । ତେଣୁ ନିର୍ବାଚନ ସମୟରେ ରାଜଧାନୀରେ ରହିଲେ ଅଶାନ୍ତି ହେବାର ପୁଲିସ ଅନୁମାନ କରୁଛି । ତେଣୁ ସେମାନଙ୍କୁ ତଡ଼ିପାର କରିବାକୁ ଯୋଜନା ହୋଇଛି ।

## ଚୋରି ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର, ୨।୪(ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଚୋରି କରୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ନଗଦ ୧୦ ଲକ୍ଷ ଟଙ୍କା ଜବତ କରିଥିବା ଜଣାପଡ଼ିଛି । ଗତ କିଛିଦିନ ହେବ ଏହି ଦୁଇଜଣ ଲୁଟ୍‌ପାଟ ଏବଂ ଲୋକଙ୍କ ଘରେ ପଶି ଚୋରି କରୁଥିଲା । ଏନେଇ ପୁଲିସ ନିକଟରେ ଅଭିଯୋଗ ହେବା ପରେ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଲୁଟେରାଙ୍କୁ ଚିହ୍ନଟ କରାଯାଇଥିଲା । ଦୁଇ ଜଣ ଅଭିଯୁକ୍ତଙ୍କୁ ସାଲିଆସାହିରୁ ଗିରଫ କରାଯାଇଥିଲା ।

## ଟ୍ରେଡିଂ ଆଳରେ ଲୁଟିନେଲେ ୨୨ ଲକ୍ଷ

ଭୁବନେଶ୍ୱର, ୨।୪(ସମିସ): ଟ୍ରେଡିଂ କରି କୋଟିପତି ହେବାର ସ୍ୱପ୍ନ ଦେଖାଇ ସାଇବର୍ ଠକ ୨୨ଲକ୍ଷ ୩୮ ହଜାର ଟଙ୍କା ଠକି ନେଇଛନ୍ତି । ଠକାମିର ଶିକାର ହୋଇଥିବା ସୁଗନ୍ଧା କଶ୍ୟପ୍ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ସାଇବର୍ ଥାନା ମାମଲା ରୁଜୁକରି ତଦନ୍ତ କରୁଛି । ସାଇବର୍ ଠକ ପ୍ରଥମେ ଏକ ଅଜଣା ନମ୍ବର ମାଧ୍ୟମରେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିଥିଲେ । ସେଠାରେ କିଭଳି ଟ୍ରେଡିଂ କରି ଦିନକୁ ୧୪ ହଜାରରୁ ଅଧିକ ଟଙ୍କା ଆୟକରି ପାରିବେ ସେନେଇ କୁହାଯାଇଥିଲା । ଏହାପରେ ସେମାନଙ୍କୁ ଟ୍ରେଡିଂ କିପରି କରିପାରିବ ସେନେଇ ମଧ୍ୟ ଜଣାଇଥିଲେ । ପରେ ସେମାନଙ୍କୁ ଆଉ ଏକ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ିଥିଲେ । ଏହାପରେ ଆପ୍ ମାଧ୍ୟମରେ ସୁଗନ୍ଧା ୨୨ଲକ୍ଷ ୩୮ ହଜାର ଟଙ୍କା ଲଗାଇଥିଲେ । ଠକ ଟଙ୍କା ନେବା ପରେ ଉକ୍ତ ଆପ୍‌କୁ ବନ୍ଦକରି ଦେଇଥିଲେ । ଶେଷରେ ଠକାମିର ଶିକାର ହୋଇଥିବା ଜାଣି ସୁଗନ୍ଧ ଥାନାକୁ ଯାଇଥିଲେ ।

## 'ପ୍ରସଙ୍ଗରେ ନେତାଜୀ' ଲୋକାର୍ପିତ

ଭୁବନେଶ୍ୱର, ୨।୪ (ସମିସ): ପ୍ରଫେସର୍ ବୀରେନ୍ଦ୍ର ନାୟକଙ୍କ 'ପ୍ରସଙ୍ଗରେ ନେତାଜୀ' ପୁସ୍ତକ ସୋମବାର ଲୋକାର୍ପିତ ହୋଇଯାଇଛି । ଲୋହିଆ ଏକାଡେମୀରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଆଜିର ଦିନରେ ନେତାଜୀ ସୁଭାଷଙ୍କ ଆଦର୍ଶ, ବିଚାର ଓ ସଂଘର୍ଷର ଅଧିକ ପ୍ରାସଙ୍ଗିକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ନେତାଜୀଙ୍କୁ ସାମ୍ପ୍ରଦାୟିକ ସଂହତିର ମହାନ ପ୍ରବକ୍ତା ଓ ନାରୀ ସଶକ୍ତୀକରଣର ପୃଷ୍ଠପୋଷକ ବୋଲି ଅଭିହିତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ବିଧୁପ୍ରଭା ରଥ, ସମ୍ମାନିତ ଅତିଥି ଭାବେ ଉତ୍କଳ ସର୍ବୋଦୟ ମଣ୍ଡଳର ପୂର୍ବତନ ସଭାପତି ଶୋଭାକର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ପ୍ରକାଶନୀ ସଂସ୍ଥା ଦି ଫ୍ରୀ ଲାନ୍ସର୍ସର ସୌମ୍ୟ ଦେବ ସ୍ୱାଗତ ଭାଷଣ ଦେଇଥିଲେ ।

### ଉତ୍ତର ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଥମ ନିର୍ବାଚନୀ ସଭାରେ ଦୃଢ଼ୋକ୍ତି

## 'ଏଥର ଡବଲ୍ ଶଙ୍ଖ'



ଭୁବନେଶ୍ୱର/ନନ୍ଦନକାନନ, ୨।୪(ସମିସ): ବିଜୁ ଜନତା ଦଳ ଉତ୍ତର ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଥମ ନିର୍ବାଚନୀ ସଭା ତଥା କର୍ମୀ ସମ୍ମିଳନୀ ୱାର୍ଡ ନଂ ୧୭ସ୍ଥିତ ପଥରବନ୍ଧ ପଡ଼ିଆ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିକାଶମୂଳକ ଯୋଜନା, ନିର୍ମଳ ଭାବମୂର୍ତ୍ତିକୁ ଆଧାର କରି ଷଷ୍ଠ ଥର ପାଇଁ ଜନତା ମୁଖ୍ୟମନ୍ତ୍ରୀ ଭାବେ ଆଶୀର୍ବାଦ ଦେବେ ବୋଲି ବିଧାୟକ ସୁଶାନ୍ତ ରାଉତ ପ୍ରକାଶ କରିଛନ୍ତି । ଏହି କର୍ମୀ ସମ୍ମିଳନୀରେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଯୋଗଦେଇ ଏଥର ନିର୍ବାଚନରେ ଡବଲ୍ ଶଙ୍ଖରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ମେୟର୍ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର, ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, କର୍ପୋରେଟର ପୂଜା ମହାରଣା, ମିନୁଶ୍ରୀ ଖୁଣ୍ଟିଆ, ସେକ୍‌ନୁର ହାସନ, ମିହିର ରାଉତ, ମୋନାଲିସା ବେହେରା, ମାନସୀ ସୁନ୍ଦରାୟ, ପିଙ୍କି ସ୍ୱାଇଁ, ଅଚ୍ୟୁତାନନ୍ଦ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଇତିଶ୍ରୀ ଦାସ, ପୂର୍ବତନ କର୍ପୋରେଟର ସଞ୍ଜୟ ସେଠି, ନିର୍ମଳ ରାଉତ, ପ୍ରତାପ ରାଉତରାୟ, ସଞ୍ଜୟ ବଳିଆରସିଂ, ସୁସ୍ମିତା ଦାସ, ଗଣେଶ ନାୟକ, ଯୁବନେତା ଆଦିକନ୍ଦ ରାଉତ, ସବ୍ୟସାଚୀ ସାହୁ, ଦିଲ୍ଲୀପ ନାୟକ, ଅନୁପ ଖୁଣ୍ଟିଆ, ଭୋଳାନାଥ ମହାରଣା, ସୂର୍ଯ୍ୟକାନ୍ତି ଜେନା, ଛାତ୍ର ସଭାପତି ସୁବାସ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ ।

ଏହି ଅବସରରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଶପଥ ନେଇଥିଲେ ।

## ଔଷଧୀୟ ଉଦ୍ଭିଦର ଉନ୍ନତର ଗବେଷଣା ନିମନ୍ତେ ବୁଝାମଣା

ଭୁବନେଶ୍ୱର, ୨।୪(ସମିସ): ଔଷଧୀୟ ଉଦ୍ଭିଦର ସୁସ୍ଥକାରୀ ଗୁଣ ବିଷୟରେ ଉନ୍ନତର ଗବେଷଣା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ଶାରଦା ଓତା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ସୋଆ ପରିଚାଳିତ ସେଣ୍ଟର୍ ଫର୍ ବାୟୋଟେକ୍ନୋଲୋଜିର ପ୍ରଫେସର୍ ପ୍ରତାପ ଚନ୍ଦ୍ର ପଣ୍ଡା ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା କେନ୍ଦ୍ରର ବରିଷ୍ଠ ଗବେଷକ ଡ. ପୂର୍ଣ୍ଣେନ୍ଦୁ ପଣ୍ଡା ଏହି ପ୍ରକଳ୍ପର ମୁଖ୍ୟ ଗବେଷକ ଭାବେ କାର୍ଯ୍ୟ କରିବେ । ଏହା ବ୍ୟତୀତ ସୋଆ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ଦୁର୍ଗା ମାଧବ କର, ପ୍ରଫେସର ଅନିନ୍ଦ୍ୟ ବୋଷ ଓ ସେଣ୍ଟର ଫର୍ ବାୟୋଟେକ୍ନୋଲୋଜିର ଡ. ଅସିତ ରାୟ ଏହି ଗବେଷଣା କାର୍ଯ୍ୟ ତଦାରଖ କରିବେ । ଏହି ଗବେଷଣା ପ୍ରକଳ୍ପର ସଫଳ ରୂପାୟନ ପାଇଁ ସୋଆ ପକ୍ଷରୁ ଆୟୁଷ ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି ।

## ଓଡ଼ିଶା ଦିବସ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର, ୨।୪ (ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଦିବସ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପ୍ରଦର୍ଶନୀରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତିଙ୍କ ଠାରୁ ଆରମ୍ଭ କରି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ଉତ୍କଳ ସମ୍ମିଳନୀ ସହିତ ଜଡ଼ିତ ବ୍ରଜ ସୁନ୍ଦର ଦାସ ଏବଂ ବିଚିତ୍ରାନନ୍ଦ ଦାସଙ୍କ ଫଟୋଚିତ୍ର ସ୍ଥାନ ପାଇଥିଲା । ଏହି ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର କୁମାର ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଫଟୋଚିତ୍ର ପ୍ରଦର୍ଶନୀ ଦୁଇଦିନ ଖୋଲା ଥିଲା ।

## କୁମ୍‌କୁମ୍ ମହାନ୍ତିଙ୍କୁ 'ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ'

ଭୁବନେଶ୍ୱର, ୨।୪ (ସମିସ): ସିଟିଜେନସ୍ ଫୋରମ ଗ୍ରେଟ୍ ଗାଡ଼କଣର ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିଅମ୍‌ରେ ପାଳିତ ହୋଇଯାଇଛି । ଫୋରମର ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଡ. ଓଁକାରନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା । ଏହାସହ ପରିବେଶ ସଂରକ୍ଷଣ ପାଇଁ ରମେଶ ଚନ୍ଦ୍ର ନନ୍ଦଙ୍କୁ ସ୍ୱତନ୍ତ୍ର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେପରେ ଅନୁଷ୍ଠାନର ମୁଖପତ୍ର 'ଅଗ୍ରଗାମୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଫୋରମର ଉପଦେଷ୍ଟା ଅମୂଲ୍ୟ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଜଗବନ୍ଧୁ ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଅନୁସୂୟା ସାହୁ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଉପସଭାପତି ପ୍ରଦୀପ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

## ବାପା, ପୁଅଙ୍କ ଜୀବନ ବଞ୍ଚାଇଲେ ଅଭିନେତା



ଭୁବନେଶ୍ୱର, ୨।୪ (ସମିସ): ଦୁର୍ଘଟଣାଗ୍ରସ୍ତ ବାପ, ପୁଅଙ୍କ ପାଇଁ ଦେବଦୂତ ସାଜିଲେ ଅଭିନେତା ସିନେତାରକା ସବ୍ୟସାଚୀ । ଦଶପଲ୍ଲା ଅଞ୍ଚଳର ମୁରଲୀ ଧର ରଥ, ପତ୍ନୀ ପ୍ରଫୁଲ୍ଲ କୁମାରୀ ରଥ ପୁଅ ଅଶୋକ ରଥଙ୍କ ସହ ଶ୍ରୀମନ୍ଦିର ଦର୍ଶନ ସାରି ଗାଡ଼ିରେ ଫେରିବା ବାଟରେ ପିପିଲି ବାଇପାସ୍ ନିକଟରେ ଏକ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଉଭୟ ବାପା ଓ ପୁଅ ଅଚେତ ହୋଇପଡ଼ିଥିବା ବେଳେ ମା' ଉଭୟଙ୍କ ଏଭଳି ଅବସ୍ଥା ଦେଖି ଭୟଭୀତ ହୋଇଯାଇଥିଲେ । ସେହି ବାଟରେ ଯାଉଥିବା ସବ୍ୟସାଚୀ ଗାଡ଼ି ଅଟକାଇ ଉଭୟଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନାରେ ପହଞ୍ଚାଇଥିଲେ । ଜୀବନ ବଞ୍ଚାଇବା ଭଳି ଦୈବୀ ସୁଯୋଗକୁ କେବେ କେହି ହାତଛଡ଼ା କରିବା ଉଚିତ୍ ନୁହେଁ ବୋଲି ସବ୍ୟସାଚୀ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇଛନ୍ତି ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବୈଶାଖୀ ଉତ୍ସବ



ହଂସପାଳ,୨।୪(ସମିସ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଉତ୍କଳ ଦିବସ ଉପଲକ୍ଷେ ଅଷ୍ଟାଦଶତମ ବୈଶାଖୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ସଭାରେ ବିଦ୍ୟାଳୟ ର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ କୁଳସଚିବ,ଜାତୀୟ ବିଜ୍ଞାନ ଓ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ଅଭୟ କୁମାର ନାୟକ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିସରରେ ଶିଶୁଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭା କାର୍ଯ୍ୟରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ,ଭୁବନେଶ୍ୱର ୪ ନମ୍ବର ୱାର୍ଡ କର୍ପୋରେଟର ସୁକୁମାର ସାହୁ,ପରିଚାଳନା କମିଟି ସଦସ୍ୟ ଡମ୍ବୁରୁଧର ଜେନା, ବେଣୁପୁରର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ନାରାୟଣ ବେହେରା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଖେଳ ଗୁରୁଜୀ ବିଶ୍ୱଭୂଷଣ ବାରିକ, ହରପ୍ରସାଦ ମିଶ୍ର ଉପସ୍ଥିତ ଥିଲେ ।

## ଭଜନସାମ୍ରାଜ୍ଞୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟରେ ଶୋକସଭା




ଭୁବନେଶ୍ୱର, ୨।୪ (ସମିସ): ଭଜନସାମ୍ରାଜ୍ଞୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତରଞ୍ଜନ ସାହାଣୀ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ବିଦ୍ୟାର୍ଥୀଙ୍କୁ ଶାନ୍ତିଲତାଙ୍କର ସଙ୍ଗୀତମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଉପାଧ୍ୟକ୍ଷ ବିଭୂତିଭୂଷଣ ବେହେରା ଅଧ୍ୟାତ୍ମିକତା ଏବଂ ସଙ୍ଗୀତ ଉପରେ ବୁଝାଇଥିବାବେଳେ ପ୍ରଶାସନିକ ଅଧିକାରୀ ଶକ୍ତିମୟୀ ପାଢୀ ବିଦ୍ୟାର୍ଥୀଙ୍କୁ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ଜୀବନ ଅତିବାହିତ କରିବା ପାଇଁ ପ୍ରେରଣା ଦେଇଥିଲେ । ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ଭଜନସାମ୍ରାଜ୍ଞୀଙ୍କ ଆଦର୍ଶ ସଙ୍ଗୀତମୟ ଜୀବନ ଓ ଶିକ୍ଷୟତ୍ରୀ ଜୀବନ ଉପରେ ଆଲୋକପାତ କରିଥିଲେ ।

## ବରିଷ୍ଠ ନାଗରିକ ସଂଘର ସପ୍ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨।୪ (ସମିସ): ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଂଘର ସପ୍ତମ ବାର୍ଷିକ ଉତ୍ସବ ଚନ୍ଦ୍ରଶେଖରପୁରସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୁଗଳ କିଶୋର ସାହୁ, ସମ୍ମାନୀତ ଅତିଥି ଭାବେ କର୍ପୋରେଟର ଲାଲ ମୋହନ ଟୁଡୁ, ମୋନାଲିସା ସାହୁ, ଯୁବନେତା ମନୋଜ କୁମାର ସାହୁ, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସଭାପତି ଡ. ମଧୁମାଧବ ଜେନା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୬ ଜଣ ଅତି ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଉପସଭାପତି ପବିତ୍ର ମୋହନ ପରିଚ୍ଛା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ବଂଶୀଧର ନାୟକଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ସ୍ଥାନୀୟ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।

## ଏକାମ୍ର କ୍ଷେତ୍ରର ଅନ୍ୟତମ ଆକର୍ଷଣ 'ଏକାମ୍ରବନ'



ଶୋଭାପାଉଛି ଔଷଧୀୟ ବୃକ୍ଷର ସମାହାର ● ଉଦ୍ୟାନରେ ରହିଛି ୨ଶହ ଔଷଧୀୟ ବୃକ୍ଷ

ପଦ୍ମ, କଇଁ କୁଣ୍ଡ



ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ୨୦୦୯ ମସିହାରେ ପ୍ରତିଷ୍ଠା କରାଯାଇଛି ଏହି ଔଷଧୀୟ ପାର୍କ । ପ୍ରତିଦିନ ଏହି ପାର୍କକୁ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ଦେଶ ବିଦେଶରୁ ମଧ୍ୟ ବହୁ ଦର୍ଶକ ଆସୁଛନ୍ତି । ଏକାମ୍ରବନରେ ଏକ ବିଶେଷ ଆକର୍ଷଣ ଭାବେ ଦେଖିବାକୁ ମିଳୁଛି ମାଙ୍କଡ଼ା ପଥରରେ ନିର୍ମିତ ୨ଟି ପଦ୍ମ ଓ କଇଁ କୁଣ୍ଡ । ଯେଉଁଥିରେ ବିଭିନ୍ନ ବର୍ଣ୍ଣର କଇଁ ଓ ପଦ୍ମ ଶୋଭା ପାଉଛି । ଏଠାରେ ଆସୁଥିବା ଦର୍ଶକଙ୍କ ପାଇଁ ରହିଛି ପଥର ନିର୍ମିତ ଆସନ । ଉଦ୍ୟାନଟି ସକାଳ ୮ରୁ ଦିନ ୧୨ଟା ଏବଂ ଦିନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହୁଛି । ପ୍ରବେଶ ଦେୟ ୫ ଟଙ୍କା ରଖାଯାଇଛି ବୋଲି ଏକାମ୍ରବନର ସୁପର୍‌ଭାଇଜର ବିରଞ୍ଚି ନାରାୟଣ ସାହୁ କହିଛନ୍ତି ।



ଭୁବନେଶ୍ୱର, ୨।୪(ସମିସ): ବାହାରକୁ ଘଞ୍ଚ ଆଉ ସବୁଜ ଆସର । ଭିତରେ ଗଛଗୁଡ଼ିକର ବଳୟ । ବ୍ୟସ୍ତ ଜୀବନ, ଥକ୍କା ମଣିଷର ପ୍ରଥମ ପସନ୍ଦ ଗୋଟେ ଶାନ୍ତ ନିରୋଳା ପରିବେଶ । ଆଉ ସିଏ ଯଦି ପାର୍କ ହେଲା ତାହାଲେ ତା'ର ମଜା ଭିନ୍ନ । ହେଲେ ଔଷଧୀୟ ବୃକ୍ଷର ପାର୍କ ତା' କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିଲେ ବି ଏମିତି ପାର୍କ ଭୁବନେଶ୍ୱରରେ ଅଛି । ଯେଉଁଠି ଛୋଟ ଔଷଧୀୟ ଗଛର ଗୁଣ ଠାରୁ ବଡ଼ ଗଛଟିର ଉପକାରିତା ଯାଏଁ ସବୁକିଛି ତା'ରି ଭିତରେ ଶୋଭା ପାଉଛି । ବିନ୍ଦୁ ସାଗରର ପଶ୍ଚିମ କୂଳରେ ରହିଛି ଏହି ଔଷଧୀୟ ଉଦ୍ଭିଦ ଉଦ୍ୟାନ 'ଏକାମ୍ରବନ' ।

ପ୍ରାଚୀନ ନିର୍ମାଣ ଶୈଳୀରେ ନିର୍ମିତ ଏହି ବନୌଷଧୀ ଉଦ୍ୟାନରେ ରହିଛି ଦୁଇଶହରୁ ଅଧିକ କିସମର ବୃକ୍ଷଲତା ଓ ଗୁଳ୍ମ । ଯଥା ବେଲ, କୁନ୍ଦ, ଡେଙ୍ଗା ଭେଜି, ଅନ୍ନପୂର୍ଣ୍ଣା, ଇନ୍‌ସୁଲିନ, ନୀଳକଣ୍ଠ କେଦାର, ପେଡ଼ିପେଡ଼ିକା, ଭାର୍ଗୀ ଆଦି ଔଷଧୀୟ ଗଛ । ପ୍ରତ୍ୟେକ ଗଛ ନିକଟରେ ଗଛର ନାମ ସହିତ ଏହାର ବୈଜ୍ଞାନିକ ନାମ ଓ କେଉଁ ରୋଗର ଉପଚାରରେ ଗଛଟି ବ୍ୟବହାର ହୁଏ ତା'ର ଏକ ବୋର୍ଡ ଲଗାଯାଇଛି । ଏହା ସହିତ ଯେଉଁମାନେ ଏଠାରୁ ଔଷଧୀୟ ଗଛ କିଣିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଗଛ ଗୁଣ ଅନୁଯାୟୀ ମୂଲ୍ୟ ମଧ୍ୟ ରହିଛି । ଯାହା ୧୦ ଟଙ୍କାରୁ ସର୍ବାଧିକ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଯେଉଁ ଗଛ ବିକ୍ରି ହେଉଛି କିମ୍ବା ମରିଯାଉଛି ସେହି ଗଛକୁ ପୁନର୍ବାର ରୋପଣ କରାଯାଉଛି । ଉଦ୍ୟାନର ରକ୍ଷଣାବେକ୍ଷଣ ପାଇଁ ୧୫ ଜଣ କର୍ମଚାରୀ ରହିଛନ୍ତି ।

### ପୁରାଣକୁ ନେଇ ୩ ପିଣ୍ଡି

ଏକାମ୍ର ପୁରାଣ, ଶିବ ପୁରାଣ, ଏକାମ୍ର ଚନ୍ଦ୍ରିକା ଆଦି ପୁରାଣମାନଙ୍କରେ ଶିବ ଓ ପାର୍ବତୀଙ୍କ ପ୍ରିୟ କ୍ଷେତ୍ରକୁ ସୂଚାଇବା ପାଇଁ ପୁରାତନ ଶୈଳୀରେ ନିର୍ମିତ ହୋଇଛି ତିନୋଟି ଆସ୍ଥାନ ବା ପିଣ୍ଡି । ଯାହା ଶିବ ପିଣ୍ଡି, ପାର୍ବତୀ ପିଣ୍ଡି ଓ ଗଣେଶ ପିଣ୍ଡି ଭାବେ ନାମିତ । ଏସବୁ ଶିବ ଯନ୍ତ୍ର, ପାର୍ବତୀ ଯନ୍ତ୍ର ଓ ଗଣେଶ ଯନ୍ତ୍ର ଆକାରରେ ନିର୍ମିତ ହୋଇଛି । ଶିବ ପିଣ୍ଡି ମାଙ୍କଡ଼ା ତଥା କନ୍ଦା ପଥରର ମିଶ୍ରଣରେ ନିର୍ମିତ । ଏହାର ଚାରିପାଖେ ବେଲପତ୍ର ଓ ବିଭିନ୍ନ ପ୍ରକାରର ପଶୁପକ୍ଷୀର ଚିତ୍ର ଖୋଦେଇ ହୋଇଥିବାବେଳେ ମଧ୍ୟଭାଗରେ ଆମ୍ବ ଗଛ ରହିଛି ଓ ଚାରିପଟେ ଶିବଙ୍କ ପ୍ରିୟ ଗଛ ଯଥା ଗୟଣ, କଳା ଦୁରଦୁରା, ନାଗେଶ୍ୱର ଆଦି ଗଛ ରହିଛି । ସେହିପରି ଅନ୍ୟତମ ପିଣ୍ଡି ପାର୍ବତୀ ପିଣ୍ଡି । ଯାହାର ମଧ୍ୟ ଭାଗରେ ରହିଛି ଏକ ଅଁଳା ଗଛ । ଏହାର ଉପରି ଭାଗରେ ରହିଛି ରକ୍ତପୁନର୍ନବା । ପାର୍ବତୀଙ୍କର ଗୋପାଳିନୀ କଥାବସ୍ତୁକୁ ୪ଟି ପଥରାକୃତି ମାଧ୍ୟମରେ ଏଥିରେ ବର୍ଣ୍ଣନା କରାଯାଇଛି । ଚାରିପଟେ ଅପରାଜିତା, ମଲ୍ଲୀ, ଯୁଇ, ମାଧବୀ ଆଦି ଗଛ ଲଗାଯାଇଛି । ଉଦ୍ୟାନର ଉତ୍ତର ଭାଗରେ ରହିଛି ଗଣେଶ ମଣ୍ଡପ ବା ଗଣେଶ ପିଣ୍ଡି । ଏହାର ମଧ୍ୟ ଭାଗରେ ଏକ ବେଲ ଗଛ ରହିଥିବା ବେଳେ ଏହାର ଉପରି ଭାଗରେ ରହିଛି ଗଣେଶଙ୍କ ପ୍ରିୟ ଦୁବଘାସ । କନ୍ଦା ପଥରରେ ଚାରିପଟେ ଖୋଦିତ ଗଣେଶଙ୍କର ୨୪ ପ୍ରକାର ଆୟୁଧ ଓ ବାହାନ ମୂଷିକର ପ୍ରତିଛବି ମଧ୍ୟ



# ରାସ୍ତାରେ ଚାଲୁଛି ଘର ଓ ଦୋକାନ ଆବର୍ଜନା ପାଣି

ଭୁବନେଶ୍ୱର, ୨।୪(ସମିସ)




ରାଜଧାନୀର ବିଭିନ୍ନ ସ୍ଥାନ ଓ ଛକକୁ ସଂଯୋଗ କରୁଥିବା ରାସ୍ତା ଏବେ ଅନେକ ଜାଗାରେ ଅବହେଳିତ ଭାବେ ପଡ଼ିରହିଛି। କେଉଁଠି ରାସ୍ତା ଖୋଳି ହୋଇଗଲାଣି ତ ଆଉ କେଉଁଠି ବିନା ବର୍ଷାରେ ବି ରାସ୍ତା ଉପରେ ପାଣି ଚାଲୁଛି। ସେହି ରାସ୍ତା ମଧ୍ୟରୁ ୪୦ ନମ୍ବର ୱାର୍ଡର ଏକ ନମ୍ବର ୟୁନିଟ୍‌ରୁ ରାଜମହଲ ଛକକୁ ସଂଯୋଗ କରୁଥିବା ରାସ୍ତା ଅବହେଳିତ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ରାସ୍ତାର ବିଭିନ୍ନ ଅଂଶ ଉଠି ଖାଲଖମା ହୋଇ ଗଲାଣି। ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ବର୍ଷା ହେଲେ ତ ପରିସ୍ଥିତି ଅଧିକ ଜଟିଳ ହୋଇ ପଡୁଛି। ସେହି ଖାଲରେ ପାଣି ଜମିଲେ ଲୋକ ଅଜାଣତରେ ସେଥିରେ ଫସି ଯାଉଛନ୍ତି। ଆଖ ପାଖରେ ରହୁଥିବା ଅଞ୍ଚଳବାସୀ ଅନେକଥର ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁ ନ ଥିବା କହିଛନ୍ତି ଅଞ୍ଚଳବାସୀ। ଏହା ବ୍ୟତୀତ ଅନେକ ସମୟରେ ଏହି ଖାଲ ରାସ୍ତା ଯୋଗୁଁ ଗାଡ଼ି ଚାଳକ ଦୁର୍ଘଟଣାର ମଧ୍ୟ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

ସେହିପରି, ସେହି ୱାର୍ଡର କଂଗ୍ରେସ ଭବନ ପାଖ ଅର୍ଥାତ୍ ଗ୍ରୀନଚିଲ୍ଲୀ ପଛପଟ ରାସ୍ତାରେ ବିନା ବର୍ଷାରେ ଦୀର୍ଘଦିନ ହେବ ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ସେ ପୁଣି କୌଣସି ବର୍ଷାର ନୁହେଁ ବରଂ ଅପରିଷ୍କାର ପାଣି। ସେହି ପାଣିରେ ଶୁଖିଲା ପତ୍ର ଓ ଅନ୍ୟାନ୍ୟ ଆବର୍ଜନା ମଧ୍ୟ ଭାସୁଛି। ଖାଲି ପାଦରେ ତ ଦୂରର କଥା ଗାଡ଼ିରେ ମଧ୍ୟ ଏହି ରାସ୍ତାରେ ଯିବା ସମ୍ଭବ ହେଉ ନାହିଁ। ଦୀର୍ଘ ୧୫ ଦିନରୁ ଅଧିକ ହେବ ରାସ୍ତା ଉପରେ ପାଣି ଜମି ରହିଛି। ଏମିତିକି ଅନେକ ଲୋକଙ୍କ ଘର ଗେଟ୍ ଦୁଆରେ ଏପରି ପାଣି ଜମୁଥିବାରୁ ଘରକୁ ପଶିବାକୁ ମଧ୍ୟ ଏହି ଅପରିଷ୍କାର ପାଣିରେ ପଶି ଯିବାକୁ ପଡୁଛି ତ କେଉଁଠି ଗେଟ୍ ଅତିକ୍ରମ କରି ଭିତରକୁ ବି ଏହି ଆବର୍ଜନା ପାଣି ପଶିଯାଉଛି। ଘରୁ ବାହାରିଲେ ମଇଳା ପାଣି କୁଦି ଯିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକେ ନିଜ ଅସନ୍ତୋଷ ଜାହିର କହିଛନ୍ତି।

ଏ ନେଇ ଏହି ୱାର୍ଡର କର୍ପୋରେଟର ଆସିଆ ବେଗମ୍ କୁହନ୍ତି ଏହା କୌଣସି ଡ୍ରେନ୍ ପାଣି ନୁହେଁ କାରଣ ଏପଟେ ସ୍ୱେରେଜ ଲାଇନ ଯାଇନାହିଁ। ଏହି ରାସ୍ତାର ଚାରିପଟେ ଥିବା ଦୋକାନରୁ ବାହାରୁଥିବା ଆବର୍ଜନା ଓ ଅପରିଷ୍କାର ପାଣିକୁ ଦୋକାନୀମାନେ ଏହି ରାସ୍ତାକୁ ଛାଡ଼ି ଦେଉଛନ୍ତି ଫଳରେ ରାସ୍ତାର ଏପରି ଅବସ୍ଥା ହୋଇଛି। ସେମାନଙ୍କୁ ମନାକରିବା ପରେ ବି ସେମାନେ ମାନୁ ନାହାନ୍ତି ବରଂ ଆହୁରି ଅଳିଆ ଆବର୍ଜନା ପକାଉଛନ୍ତି। ରାସ୍ତା ସମସ୍ୟା ସମ୍ପର୍କରେ ମଧ୍ୟ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ‘ସ୍ମୃତିର ଫଗୁଣ’ ଉନ୍ମୋଚିତ

ଭୁବନେଶ୍ୱର, ୨।୪(ସମିସ): ‘ଆଇ ସର୍ଭ ୟୁ’ ତରଫରୁ ଇନଫୋସିଟି କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ତଥା ପୁଣ୍ୟ ଉତ୍କଳ ଅନୁଷ୍ଠାନର ମୁଖ୍ୟ ମନୋରଞ୍ଜନ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମୁରଲୀଧର ପରିଡ଼ା, କବି ରବୀନ୍ଦ୍ରନାଥ ରାଉତରାୟ, ‘ଆଇ ସର୍ଭ ୟୁ’ର ନିର୍ଦ୍ଦେଶକ ଦେବୀପ୍ରସାଦ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ କବି ରବୀନ୍ଦ୍ରନାଥ ରାଉତରାୟଙ୍କ କବିତା ସଙ୍କଳନ ‘ସ୍ମୃତିର ଫଗୁଣ’ ଉନ୍ମୋଚିତ ହୋଇଥିଲା। ବର୍ତ୍ତମାନର ଯୁବପିଢ଼ି ଓଡ଼ିଆ ଅସ୍ମିତା ସହ ପରିଚିତ ହେବା ଦରକାର। ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇବାର ଲକ୍ଷ୍ୟ ନେଇ ସମସ୍ତେ କାମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ପଥଚାରୀଙ୍କ ନିମନ୍ତେ ଜଳସେବା ଶିବିର




ଭୁବନେଶ୍ୱର, ୨।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ନିମନ୍ତେ ସିଟି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିରିପୁରର ରେଞ୍ଜର ଟିମ୍ ଆନୁକୂଲ୍ୟରେ ଏକ ଜଳସେବା ଶିବିର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷା ରଶ୍ମିତା କୁମାରୀ ସାହୁ ଉଦ୍‌ଘାଟନ କରିଥିବା ବେଳେ ରେଞ୍ଜର୍ ଲିଡର୍ ପୁଷ୍ପାଞ୍ଜଳି ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀମାନେ ପରିଚାଳନା କରିଥିଲେ।

## ପଞ୍ଚୁଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ



ବାଲିଅନ୍ତା, ୨।୪ (ସମିସ): ବାଳକାଟି ପଞ୍ଚୁଦୋଳ ମେଳଣରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଲାଗି ମାଗଣା ଦହି ପଣା, ବେଲପଣା ଏବଂ ନଡ଼ିଆ କଦଳୀ, ଛେନା ଆଦି ମିଠା ପଣା ବଣ୍ଟନ କେନ୍ଦ୍ର ଖୋଲିଥିଲା। ଏଥିରେ ସତ୍ୟପ୍ରିୟ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଣା ବଣ୍ଟନକେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଏବଂ ଶୁଭେଚ୍ଛୁଙ୍କୁ ଉତ୍ତରୀୟ ପ୍ରଦାନ କରା ଯାଇଥିଲା। ମେଳଣରେ ୫୩ ଦୋଳ ବିରାଜମାନ କରିଥିଲେ। ପ୍ରତାପଶାସନ ପଞ୍ଚାୟତ ପକ୍ଷରୁ ଦାୟିତ୍ୱରେ ଥିବା ଜନପ୍ରତିନିଧି ଏବଂ ମୁରବୀ ସମଗ୍ର କାର୍ଯ୍ୟ ପରିଚାଳନା କରିଥିଲେ। ବାଲିଅନ୍ତା ଡ୍ରାଇଭର ସଂଘ କାର୍ଯ୍ୟକର୍ତ୍ତା, ସମାଜସେବୀ ସନତ ସ୍ୱାଇଁ ଇଞ୍ଜିନିଅର ପ୍ରଭାସ ବାରିକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର, ୨।୪(ସମିସ): ଭାଷା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଲକ୍ଷ୍ୟରେ ସମ୍ଭାବନା ପକ୍ଷରୁ ଆରମ୍ଭ ହୋଇଛି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ଏହି କାର୍ଯ୍ୟକ୍ରମ ସହ ହସ୍ତାକ୍ଷର, ଚିତ୍ରାଙ୍କନ, ଶ୍ରୁତ ଲିଖନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର ମଧ୍ୟ ଶୁଭାରମ୍ଭ ହୋଇଛି। ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ମଞ୍ଚରେ ଓଡ଼ିଆଣୀମାନେ ଶାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଆଦି ବିଭିନ୍ନ ଓଡ଼ିଆ ପୁରାଣ ପାଠ କରିଥିଲେ। ଉଦ୍‌ଘାଟକ ଭାବେ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ସଭା ଉଦ୍‌ଘାଟନ କରିଥିଲେ। ପ୍ରମୁଖ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ୨୦୨୩ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ଓ ୨୦୦୭ର ଶ୍ରେଷ୍ଠ ଓଡ଼ିଆଣୀ ବାସନ୍ତୀ ପଟ୍ଟନାୟକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଅଧ୍ୟକ୍ଷତା କରିଥିଲେ। ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ସହ ଓଡ଼ିଆ ଜାତୀୟତାବାଦୀ ସଙ୍ଗୀତରୁ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ସନ୍ଧ୍ୟା। ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ପୁରାଣ ଆବୃତ୍ତି ପ୍ରତିଯୋଗିତାର ବିଚାରକ ଭାବେ ଉପସ୍ଥିତ ଥିଲେ ପ୍ରଫେସର ଡ.ସନ୍ତୋଷ କୁମାର ତ୍ରିପାଠୀ ଓ ଲଡ୍ଡୁ କିଶୋର ପଡ଼ିହାରୀ।

## ଆଜିଠୁ ‘ପଖାଳ ଉତ୍ସବ’

ଭୁବନେଶ୍ୱର, ୨।୪(ସମିସ): ପ୍ରତ୍ୟେକ ଓଡ଼ିଆଙ୍କ ମଧ୍ୟରେ ପଖାଳର ଅଧିକ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ପକ୍ଷରୁ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଏପ୍ରିଲ୍ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ‘ପଖାଳ ଉତ୍ସବ’ର ଆୟୋଜନ କରାଯାଇଛି। ଏହି ଉତ୍ସବରେ ପାରମ୍ପରିକ ବ୍ୟଞ୍ଜନ ପରିବେଷଣ ସହିତ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପ୍ରତ୍ୟେକ ଓଡ଼ିଆଙ୍କ ଖାଦ୍ୟରୁଚି ତଥା ଭାବଧାରାକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ପଖାଳ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସୂଚନା ଦେଇଛନ୍ତି। ଏସ୍ଏଚ୍ଏମ୍‌ରେ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପଖାଳ ଉତ୍ସବରେ ପ୍ରତ୍ୟେକ ଦିନ ଅତିଥିମାନଙ୍କୁ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ ଉଷୁନା ପଖାଳ, ଅରୁଆ ପଖାଳ, ଦହି ପଖାଳ, ଅଦା ପଖାଳ, ଛୁଙ୍କ ପଖାଳ ଏବଂ ଲେମ୍ବୁ ପଖାଳ ସମେତ ବିଭିନ୍ନ ଆମିଷ ଓ ନିରାମିଷ ବ୍ୟଞ୍ଜନ ପରଷା ଯିବ।

■ ଦୃଷ୍ଟିହୀନତା ନିବାରଣ ସପ୍ତାହ

## ସୁନ୍ଦର ପୃଥିବୀକୁ ଦେଖିବା ପାଇଁ ନିଅନ୍ତୁ ଚକ୍ଷୁର ଯତ୍ନ



ଭୁବନେଶ୍ୱର, ୨।୪(ସମିସ): ଦୃଷ୍ଟିହୀନତା ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟରତ ଅନୁଷ୍ଠାନ ‘ବ୍ଲୁଲ୍‌ସଆଇ’ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠସ୍ଥିତ ଆଦିବାସୀପଲ୍ଲୀ କନ୍ଦଳେଇ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ଠିକ୍ ସମୟରେ ଚକ୍ଷୁର ଉପଯୁକ୍ତ ଚିକିତ୍ସା ଏବଂ ଯତ୍ନ ନେବା ଫଳରେ ଦୃଷ୍ଟିଶକ୍ତି ତ୍ରୁଟି କିମ୍ବା ଦୃଷ୍ଟିଶକ୍ତି ହରାଇବା ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ। ଅନ୍ୟତମ ଅତିଥି ରୂପେ ‘ବ୍ଲୁଲ୍‌ସଆଇ’ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଯୋଗଦେଇ କହିଥିଲେ, ସୁନ୍ଦର ପୃଥିବୀକୁ ଦେଖିବାପାଇଁ ଚକ୍ଷୁରଯତ୍ନ ନେବା ଆବଶ୍ୟକ।

## ଗ୍ରୀଷ୍ମଦିନେ ପଶୁପକ୍ଷୀଙ୍କ ସାହାରା ପାଲଟିଛନ୍ତି ଯୁବକ

**ପାର୍କରେ ପକ୍ଷୀଙ୍କ ପାଇଁ କରୁଛନ୍ତି ପାଣି ବ୍ୟବସ୍ଥା**



ଭୁବନେଶ୍ୱର, ୨।୪ (ସମିସ): ଗ୍ରୀଷ୍ମ ପ୍ରବାହକ୍ରମେ ରାଜଧାନୀରେ ପଶୁପକ୍ଷୀମାନେ ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି। ପାଣି ବିନା ଯେମିତି କୌଣସି ପଶୁପକ୍ଷୀଙ୍କ ଜୀବନ ନ ଯାଉ ସେଥିପାଇଁ କାଞ୍ଚନ ଫାଉଣ୍ଡେସନ୍ ମାଧ୍ୟମରେ ଅଣ୍ଟା ଭିଡ଼ିଛନ୍ତି ରାଜଧାନୀର ଯୁବଗୋଷ୍ଠୀ। ଏଥିରେ ସରକାରୀ ଚାକିରିଆଙ୍କ ଠାରୁ ଆରମ୍ଭ କରି ଇଞ୍ଜିନିୟରମାନେ ସାମିଲ ହୋଇଛନ୍ତି। ବର୍ତ୍ତମାନ ପ୍ରବଳ ଖରା ହେଉଥିବାରୁ ପକ୍ଷୀମାନଙ୍କ ନିମନ୍ତେ ଗଛଡ଼ାଳରେ ମାଟିପାତ୍ରରେ ପାଣି ଭର୍ତ୍ତି କରି ଝୁଲାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ କୁଆଖାଇ ନଦୀ ପଠାରେ ରହିଥିବା ଗଛ, ନିକଟସ୍ଥ ପାର୍କ ଓ ଆଖପାଖ ଅଞ୍ଚଳରେ ଏହି ଜଳ ସେବା ଆରମ୍ଭ କରିଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ରଞ୍ଜନ ମହାପାତ୍ର କହିଛନ୍ତି। ତେବେ କେବଳ ପକ୍ଷୀ ନୁହଁନ୍ତି ପଶୁମାନଙ୍କ ପାଇଁ ମଧ୍ୟ ଗଛମୂଳରେ ପାଣି କୁଣ୍ଡ ରଖୁଛନ୍ତି। ଏହି ସେବା ପ୍ରାୟ ୩ବର୍ଷ ହେବ ସେମାନେ କରୁଥିବା ବେଳେ ଦିନକୁ ଦିନ ଏହି ସେବା କାର୍ଯ୍ୟରେ ଯୁଗୋଷ୍ଠୀମାନେ ଯୋଡ଼ି ହେଉଛନ୍ତି। ନିଜ କର୍ମକ୍ଷେତ୍ରରୁ ଫେରି ସମସ୍ତେ ଏକାଠି ହୋଇ ନିୟମିତ ସନ୍ଧ୍ୟାରେ ବୁଲି ବୁଲି ଗଛରେ ଲଗାଯାଇଥିବା ପାତ୍ର ଗୁଡ଼ିକରେ ପାଣି ଭର୍ତ୍ତି କରିଥାନ୍ତି। ତେବେ ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ି ବଗିଚାରେ ଥିବା ଗଛରେ ଯଦି ପାଣିପାତ୍ର ରଖିବା ସହ ନିଜ ଘର ଆଗରେ କୁଣ୍ଡରେ ପାଣି ରଖନ୍ତେ ତେବେ ବୁଲା ପଶୁପକ୍ଷୀମାନେ ଉପକୃତ ହେବେ ବୋଲି ରଞ୍ଜନ କହିଛନ୍ତି। ଏହାସହ ପ୍ରତିବର୍ଷ ଦଶମ ଶ୍ରେଣୀରେ ପାଠ ପଢୁଥିବା ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ଓ ପାଠ୍ୟ ଉପକରଣ ସାଙ୍ଗକୁ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରୁଛନ୍ତି ଏହି ଯୁବଗୋଷ୍ଠୀ। ପ୍ରତି ୩ ମାସରେ ଥରେ ରକ୍ତଦାନ ଶିବିର ଆୟୋଜନ କରିବା ସହ ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟଙ୍କ ଜନ୍ମଦିନରେ ମଧ୍ୟ କ୍ୟାପିଟାଲ ହସ୍ପିଟାଲରେ ରକ୍ତଦାନ କରିଥାନ୍ତି।

## ମହିଳାଙ୍କ ସଂଘର୍ଷ ଓ ସଫଳତାର କଥା କହିବ ‘କଳିଙ୍ଗ କନ୍ୟା’

ଭୁବନେଶ୍ୱର, ୨।୪(ସମିସ): ଓଡ଼ିଶାର ସୁନାମଧନ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ପ୍ରତିଭା ସମ୍ମାନ ଓଡ଼ିଶା ସଙ୍ଗଠନ ଗଢାଯାଇଛି। ଏହି ସଙ୍ଗଠନରେ ପୂର୍ବତନ ଏମ୍ସ୍ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମର ବର ଦାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଛନ୍ତି। ଏହି ଅନୁଷ୍ଠାନର ପ୍ରଥମ ଅର୍ଘ୍ୟ ମାତୃବନ୍ଦନା ସ୍ୱରୂପ ‘କଳିଙ୍ଗ କନ୍ୟା’ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମହିଳାଙ୍କ ଦୁଃଖ ଓ କଷ୍ଟ ସହି ସେହି ବ୍ୟବସ୍ଥାରେ ନିଜେ ପ୍ରତିଷ୍ଠିତ ହେବା ସହିତ ଶହ ଶହ ପରିବାରଙ୍କର ଅର୍ଥନୈତିକ କିମ୍ବା ସାମାଜିକ ରାହା ସାଜିଛନ୍ତି, ସେହି ମହିଳାଙ୍କର କାହାଣୀ ଉପରେ ଆଧାରିତ ଏହି ପତ୍ରିକ ପ୍ରକାଶ ପାଇବ।

## ୭୦ ଛାତ୍ରଛାତ୍ରୀଙ୍କୁ ‘ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର



ଭୁବନେଶ୍ୱର, ୨।୪(ସମିସ)

ନୃତ୍ୟଭୂମି କଲ୍‌ଚରାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର-୨୦୨୪ ପ୍ରଦାନ ଉତ୍ସବ ପ୍ରଶାନ୍ତି ବିହାରସ୍ଥିତ ଦୁର୍ଗା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ସମସ୍ତଙ୍କୁ ଉତ୍କଳ ଦିବସର ଅଭିନନ୍ଦନ ଜଣାଇବା ସହ କହିଥିଲେ ଆମ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଏତେ ସୁନ୍ଦର ଯେ ତାହା ଭାଷାରେ ପ୍ରକାଶ କରିହେବ ନାହିଁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ ଆଦର ଲାଭ କରିଛି। ଏହି ସଂସ୍କୃତି ଓ ପରମ୍ପରା ସବୁବେଳେ ଉଜ୍ଜୀବିତ ରହୁ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତ, ବିଶିଷ୍ଟ ଶିକ୍ଷାବିତ୍ ବିଷ୍ଣୁ ଚରଣ ସୂତାର ପ୍ରମୁଖ ଯୋଗଦେଇ ଉତ୍କଳ ଦିବସର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୃତ୍ୟଭୂମି କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୭୦ ଜଣ ଛାତ୍ରଛାତ୍ରୀଙ୍କୁ ‘ଉତ୍କଳ ଶିଶୁ ପ୍ରତିଭା ଅନ୍ୱେଷଣ ପୁରସ୍କାର-୨୦୨୪’ ପ୍ରଦାନ କରାଯାଇଥିଲା। ଏହାସହ ୧୦୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ଟ୍ରଷ୍ଟର ମୁଖ୍ୟ ସସ୍ମିତା ରାଣୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଦି କ୍ଲବ୍‌ର ସଭାପତି ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟିଜିମ୍ ଦିବସରେ ସଚେତନତା ଶୋଭାଯାତ୍ରା




ଭୁବନେଶ୍ୱର, ୨।୪(ସମିସ):

ସତ୍ୟପଦ୍ମା ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର୍ ଡ. ସୁସ୍ମିତା ମିଶ୍ର, ଆଦିତ୍ୟ ପାତ୍ର, ଫାଉଣ୍ଡେସନ୍‌ର ଟ୍ରଷ୍ଟି ପ୍ରିୟମ୍ବଦା ପାତ୍ର ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏକାମ୍ରହାଟରୁ ଆରମ୍ଭ ଶୋଭାଯାତ୍ରାରେ ୩୦୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅଟିଜିମ୍ ଚିକିତ୍ସା ବିକଳ୍ପଗୁଡ଼ିକରେ ବୃତ୍ତିଗତ ଚିକିତ୍ସା, ଆଚରଣ ଏବଂ ଯୋଗାଯୋଗ ଚିକିତ୍ସା ଅନ୍ତର୍ଭୁକ୍ତ। ସେନ୍ସୋରୀ ଇଣ୍ଟିଗ୍ରେସନ୍ ଥେରାପି ଏବଂ ସ୍ପିଚ୍ ଥେରାପି ମାଧ୍ୟମରେ ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସଅର୍ଡରେ ଥିବା ପିଲାମାନେ ସେମାନଙ୍କ ଜୀବନସାରା ସମସ୍ୟାର ସମାଧାନ କରିପାରିବେ ବୋଲି ଅତିଥିମାନେ କହିଛନ୍ତି।

ସେହିପରି କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-‘ସେନ୍ ଗ୍ଲୋବ’ ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରି କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ କହିଥିଲେ, ଅଟିଜିମ୍ ଅର୍ଥ ଭିନ୍ନକ୍ଷମ। ଏହି ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ସାଧାରଣ ପିଲାମାନଙ୍କ ପରି ସକ୍ଷମ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଚେୟାରପର୍ସନ ଅଳକା ମିଶ୍ର, ୟୁଏନ୍ଏଫ୍‌ପିଏ ଓଡ଼ିଶାର ମହମ୍ମଦ ନଦିମ୍ ନୁର୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଚେୟାରପର୍ସନ୍ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ‘ଚେତନା’ ପକ୍ଷରୁ ସ୍ୱପରାୟଣତା ସଚେତନତା




ଭୁବନେଶ୍ୱର, ୨।୪ (ସମିସ): ଚେତନା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ମନସ୍ତତ୍ତ୍ୱବିତ୍ ତଥା ଚେତନା ଅନୁଷ୍ଠାନ ପରିଚାଳନା କମିଟି ସଦସ୍ୟ ପ୍ରଫେସର ଗୋପାଳ କୃଷ୍ଣ ନନ୍ଦ, ସମ୍ ଅଲଟିମେଟ ମେଡ଼ି କେୟାରର୍ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିରାଜ ମୋହନ ମିଶ୍ର, ୟୁଜିସି, ୟୁପିଏସସି, ଏଆଇସିଟିଇର ମୁଖପାତ୍ର ପ୍ରଫେସର ଡ. ଜ୍ୟୋତିର୍ମୟ ମହାପାତ୍ର, ଶିଶୁ ବିକାଶ ପରାମର୍ଶଦାତା ପ୍ରଫେସର ପି.ଯଶୋଧାରା, ଆଇନଜୀବୀ ମନସ୍ମିତା ଜେନା ବକ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୟଭୂଷଣ ମହାପାତ୍ର ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ଉପରେ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଚେତନା ମହାବିଦ୍ୟାଳୟର ସ୍ୱତନ୍ତ୍ର ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଫେସର ଭାଗିରଥି ମହାପାତ୍ର ଧନ୍ୟବାଦ ଦେଇଥିଲେ।

